## ସଂକ୍ଷେପରେ

### ଗାଡ଼ିଆରେ ବୁଡ଼ି ଶିଶୁପୁତ୍ର ମୃତ

ପାଟଣା,୩୧।୧(ସ୍ୱ.ପ୍ର.)- କେନ୍ଦୁଝର ଜିଲା ସାହାରପଡା ବ୍ଲକ ତିଲବେଡା ଗ୍ରାମ ଗଡ଼ିଆରେ ଶୁକ୍ରବାର ପୂର୍ବାହ୍ନରେ ଜଣେ ୪ବର୍ଷର ଶିଶୁ ପୁତ୍ର ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ଶିଶୁ ପୁତ୍ର ହେଲେ ମୟୁରଭଞ୍ଜ ଜିଲା କରଞ୍ଜିଆ ଥାନା କେରକେରା ଗ୍ରାମର ସନାତନ ବଦ୍ରାଙ୍କ ପୁଅ ବିକାଶ ବଦ୍ରା। ସୂଚନା ଅନୁଯାୟୀ ବିକାଶ ତିଲବେଡା ଗ୍ରାମର ମାମୁ ଘରେ ମା'ଙ୍କ ସହ ରହୁଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଶୁକ୍ରବାର କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନ ଥିବା ସୂଚନା ମିଳିଛି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ଦୁର୍ଘଟଣାରେ କାର୍ଯ୍ୟରତ ଶ୍ରମିକ ଆହତ

ଯୋଡ଼ା, ୩୧।୧(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳ ଅଧୀନ ଖଣ୍ଡବନ୍ଧସ୍ଥିତ ଏକ ଠିକା ସଂସ୍ଥାରେ ଗୁରୁବାର ଜଣେ ଶ୍ରମିକ କାର୍ଯ୍ୟ କରୁଥିବା ବେଳେ ଦୁର୍ଘଟଣା ଘଟି ଆହତ ହୋଇଥିବା ଜଣାପଡିଛି। ଜୁରୁଡି ଅଞ୍ଚଳର ଉତ୍ତମ ନାଏକ (୩୬) କାର୍ଯ୍ୟ କରୁଥିବା ବେଳେ ଅସୁରକ୍ଷିତ ଭାବେ ଉପରୁ ଏକ କାଠ ପଟା ଖସି ତାଙ୍କ ମୁଣ୍ଡରେ ପଡିଥିଲା। ଫଳରେ ଶ୍ରମିକ ଉତ୍ତମଙ୍କ ମୁଣ୍ଡ ଫାଟି ଯିବାରୁ ସେ ଗୁରୁତର ହୋଇପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଯୋଡାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାକୁ ନିଆଯାଇଥିଲା। ଗୁରୁତର ଥିବାରୁ ଶ୍ରମିକଙ୍କୁ ଡାକ୍ତରଖାନାର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଉତ୍ତମଙ୍କ ସେପରି ଗଭୀର ଆଘାତ ହୋଇ ନ ଥିବା ଓ ସେ ବର୍ତ୍ତମାନ ସୁସ୍ଥ ଅବସ୍ଥାରେ ଥିବା ଡାକ୍ତର ଏ.କେ. ରାଏ କହିଛନ୍ତି। ଏଠାରେ ପ୍ରଶ୍ନ ଉଠେ ଯେ, ଖଣି କମ୍ପାନୀ ଏବଂ ଠିକାସଂସ୍ଥା ପକ୍ଷରୁ ଶ୍ରମିକଙ୍କୁ ସୁରକ୍ଷା ସରଞ୍ଜାମ ଦିଆଯାଉଛି ହେଲେ କିପରି ଏଭଳି ଦୁର୍ଘଟଣା ଘଟି ଶ୍ରମିକ ଜଣକ ଆଘାତପ୍ରାପ୍ତ ହେଲେ ସେନେଇ ପ୍ରଶ୍ନ ଉଠୁଛି।


ବି.ଏନ. ହାଇସ୍କୁଲ ପରିସରରେ ଉପସ୍ଥିତ ଜନସାଧାରଣ।


ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆନନ୍ଦପୁର ବ୍ୟାରେଜର ଉଦ୍‌ଘାଟନ କରୁଛନ୍ତି।


ମୁଖ୍ୟମନ୍ତ୍ରୀ ଜଣେ ମହିଳା ହିତାଧିକାରୀଙ୍କୁ ଜମି ପଟ୍ଟା ବଣ୍ଟନ କରୁଛନ୍ତି।



ବି.ଏନ. ହାଇସ୍କୁଲ ପ୍ଲାଟିନମ୍ ଜୁବିଲି ପାଳନ ଅବସରରେ ଉପସ୍ଥିତ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦୁଝର ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତର ଏପାଖ ସେପାଖ

### ଆପଣମାନେ ଖୁସି ତ

ଆନନ୍ଦପୁର/ଘସିପୁରା, ୩୧।୧(ସ୍ୱ.ପ୍ର./ଡି.ଏନ୍.ଏ.)

ସଦ୍ୟ ସମାପ୍ତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ନିର୍ବାଚନୀ ସଭାରେ ଜନ ସାଧାରଣ ଉଦ୍ଦେଶ୍ୟରେ ଦେଇଥିବା ନାରା ''ଆପଣ ମାନେ ଖୁସି ତ'' ଏଠାରେ ମଧ୍ୟ ଶୁଣିବାକୁ ମିଳିଥିଲା। କିନ୍ତୁ ଏହି ନାରା ମୁଖ୍ୟମନ୍ତ୍ରୀ ନୁହଁ ବରଂ ଜନସାଧାରଣ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଇଥିଲେ। ବ୍ୟାରେଜ ପ୍ରକଳ୍ପ ଉଦଘାଟନୀ ସ୍ଥଳରେ ଉପସ୍ଥିତ ଶତାଧିକ ଲୋକେ ମୁଖ୍ୟମନ୍ତ୍ରୀଙ୍କ ବ୍ୟାରେଜ ପରିଦର୍ଶନ ସମୟରେ ଉତ୍ସାହିତ ହୋଇ କିଛି ଏଭଳି ନାରା ଦେଇଥିଲେ।

### ନିରଞ୍ଜନ - ବଦ୍ରି ଗପସପ

ବିଏନ ହାଇସ୍କୁଲ ପ୍ଲାଟିନମ ଜୁବୁଲି ଅବସରରେ ଗୋଟିଏ ମଞ୍ଚରେ ଏକାଠି ହୋଇଥିଲେ ଜିଲାର ଦୁଇ ପ୍ରମୁଖ ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଘସିପୁରା ବିଧାୟକ ବଦ୍ରି ନାରାୟଣ ପାତ୍ର। ସଭାସ୍ଥଳରେ ଏହି ଦୁଇ ଜଣ ନେତା ପାଖାପାଖି ବସି ଢେର କିଛି ସମୟ ଧରି ପରସ୍ପର କାନରେ ଫୁସୁରୁଫାସର ହୋଇଥିଲେ। ମଞ୍ଚରେ ଏହି ରୋଚକ ଦୃଶ୍ୟକୁ ଦେଖି ଉପସ୍ଥିତ ଥିବା ଜନସାଧାରଣ ଚାପା ଗୁଞ୍ଜରଣ କରୁଥିବା ବେଳେ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି। ଖାଲି ସେତିକି ନୁହଁ ଏହି ସଭାରେ ବିଧାୟକ ପାତ୍ର ନିଜ ବକ୍ତବ୍ୟରେ କେତେକ ପ୍ରସଙ୍ଗରେ ନିରଞ୍ଜନଙ୍କୁ ସମର୍ଥନ ଜଣାଇବା ସହ ଧନ୍ୟବାଦ ମଧ୍ୟ ଦେଇଥିଲେ।

### ନେତାଙ୍କ ଦୌଡ଼ ପ୍ରତିଯୋଗିତା

ମୁଖ୍ୟମନ୍ତ୍ରୀଙ୍କ ଏହି ବ୍ୟସ୍ତ ବହୁଳ ଗସ୍ତ ଅବସରରେ ତିନୋଟି ପୃଥକ ପୃଥକ ସ୍ଥାନରେ କାର୍ଯ୍ୟକ୍ରମ ରହିଥିଲା। ବ୍ୟାରେଜ ପ୍ରକଳ୍ପ ସ୍ଥଳରୁ ବିଏନ ହାଇସ୍କୁଲ ପୁଣି ସେଠାରୁ ଆନନ୍ଦପୁର ଷ୍ଟାଡିୟମ ପଡ଼ିଆକୁ ଯିବା ପାଇଁ ସମସ୍ତ ମନ୍ତ୍ରୀ, ଏମ୍‌ପି ଓ ବିଧାୟକ ମାନେ ଯେଉଁଭଳି ନିଜ ନିଜ ଗାଡ଼ି ଧରିବାକୁ ଦୌଡ଼ି ଯାଉଥିଲେ ଏହା ଉପସ୍ଥିତ ଲୋକଙ୍କୁ ଦୌଡ଼ ପ୍ରତିଯୋଗିତାର ଭ୍ରମ ଲାଗିଥିଲା। ତେବେ ଏହି ଦୌଡ଼ରେ ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ ସମସ୍ତଙ୍କୁ ପଛରେ ପକାଇ ଦେଇଥିଲେ।

### ବୋହିନେଲେ ବିସ୍କୁଟ

ଷ୍ଟାଡିୟମ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇଥିବା ଲୋକଙ୍କ ପାଇଁ ଆସିଥିବା ବିସ୍କୁଟ କାର୍ଟୁନଗୁଡ଼ିକୁ ବିଜୁ ଯୁବବାହିନୀ ପୋଷାକରେ ଥିବା ସ୍ୱେଚ୍ଛାସେବୀ ମାନେ ବୋହିନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଚାରିଜଣ ଯୁବବାହିନୀ ସ୍ୱେଚ୍ଛାସେବୀ ଚାରିକାର୍ଟୁନ ବିସ୍କୁଟ ଷ୍ଟାଡିୟମରୁ ନେଇ ବାହାରେ ଥିବା ଏକ ଦୋକାନରେ ରଖିବା ପରେ ବାଇକରେ ବୋହି ନେଇଯିବା ଦେଖିବାକୁ ମିଳିଥିଲା।

# 'ମୋ ସରକାର ସମ୍ପର୍କ ଶିବିର'



ଶିବିରରେ ଉପସ୍ଥିତ ଅତିଥିମାନେ।

ତେଲକୋଇ, ୩୧।୧(ଡି.ଏନ.ଏ.)

ତେଲକୋଇ ଚାରିଗଡ ମହାବିଦ୍ୟାଳୟ ଖେଳ ପଡିଆ ପ୍ରାଙ୍ଗଣରେ ଶୁକ୍ରବାର ମୋ ସରକାର କାର୍ଯ୍ୟକ୍ରମରେ ସମ୍ପର୍କ ଶିବିର ଅନୁଷ୍ଠିତ ହୋଇଯାଇଛି। ମୋ ସରକାର ୫ଟି କାର୍ଯ୍ୟକ୍ରମରେ ଜନଜାତି, ଅନୁସୂଚିତ ଜନଜାତିଙ୍କ ପାଇଁ ବିଭିନ୍ନ ଯୋଜନା ଚାଷ, ଜଳ ସେଚନ, ଶିକ୍ଷା, ମିଶନ, ଜୀବିକା, ଜଙ୍ଗଲ ଜମି ପଟ୍ଟା ଓ ଜୀବିକା ନିର୍ବାହ ଏବଂ ମହିଳା ସଶକ୍ତିକରଣକୁ ଗୁରୁତ୍ୱ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମକୁ ଜିଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ସମ୍ପର୍କ ଶିବିର ଅନୁଷ୍ଠିତ କରାଯାଇଥିଲା। ଏହି ସମ୍ପର୍କ ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମମତା ଦେହୁରୀ ଅନ୍ତର୍ଭୁକ୍ତ ରହିଥିବା ବେଳେ ଅନ୍ୟ ଅତିଥିଙ୍କ ମଧ୍ୟରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା କେନ୍ଦୁଝରର ନାରାୟଣ ମୁର୍ମୁ, ବିଡିଓ ଦିଲୀପ କୁମାର ବାରା, ସହକାରୀ କୃଷି ଅଧିକାରୀ ପରତ ହାସଦା, ଉଦ୍ୟାନ ବିଭାଗର ଅଧିକାରୀ ମନୋରମା ମୁକୁଟ, ଜିଲା ସ୍ୱାସ୍ଥ୍ୟ ମିଶନ ପ୍ରକଳ୍ପ ଅଧିକାରୀ ଦିଲିପ ଦୁବେ, ଜିଲା ପ୍ରକଳ୍ପ ଅଧିକାରୀ (ଆଇଟିଡିଏ)ଶିବ ଶଙ୍କର ନାଏକ ଓ ମୁଖ୍ୟବକ୍ତା ଭାବେ ତହସିଲଦାର ଅଶ୍ୱିନୀ କୁମାର ନାୟକ ଯୋଗ ଦେଇଥିଲେ। ଏହି ସମ୍ପର୍କ ଶିବିରରେ ପାରମ୍ପାରିକ ଶୈଳୀରେ ଚାଷ କାର୍ଯ୍ୟ ନେଇ ଏକ ଷ୍ଟଲ କରାଯାଇଥିଲା। ଏହି ବ୍ଲକରେ ୭୦ଭାଗ ଜନଜାତି ଓ ଅନୁସୁଚିତ ଜନଜାତି ବସବାସ କରୁଥିବା ସତ୍ତ୍ୱେ ସରକାର ପକ୍ଷରୁ ଆବଶ୍ୟକ ପ୍ରଚାର ଓ ପ୍ରସାର ଯୋଗୁ ଲୋକଙ୍କ ସଂଖ୍ୟା ବହୁତ କମ ରହିଥିଲା। ଏହା ସରକାରଙ୍କ ଯୋଜନା ହୋଇଥିବା ଯୋଗୁ ପ୍ରଶାସନ ପକ୍ଷରୁ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରାଯାଇଥିଲା ।

# ମଦ ବନ୍ଦ ପାଇଁ ଫାଣ୍ଡି ଘେରିଲେ ଗ୍ରାମବାସୀ

ପାଟଣା,୩୧।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ଥାନା ସାହାରପଡା ବ୍ଲକ ତଣ୍ଡ ଗ୍ରାମରେ ବେଆଇନ ଦେଶୀ ଓ ବିଦେଶୀ ମଦ କାରବାର ବନ୍ଦ କରିବା ଦାବିରେ ଶୁକ୍ରବାର ପୂର୍ବାହ୍ନରେ ତଣ୍ଡ ଗ୍ରାମର ସ୍ୱୟଂ ସହାୟିକା ଗୋଷ୍ଠୀର ୫୦ରୁ ଉର୍ଦ୍ଧ୍ୱ ମହିଳା ପାଟଣା ଥାନା ସାହାରପଡା ଫାଣ୍ଡି ଘେରାଉ କରିଥିଲେ। ମହିଳା ମାନଙ୍କ ଅଭିଯୋଗ ଅନୁଯାୟୀ ସମ୍ପୃକ୍ତ ଗ୍ରାମରେ ମଦ ବିକ୍ରି ହେଉଥିବାରୁ ଯୁବ ଗୋଷ୍ଠୀ ମଦ ପିଇ ବିପଥଗାମୀ ହେଉଛନ୍ତି। ଏହା ପୂର୍ବରୁ ଉକ୍ତ ଗ୍ରାମରେ ବେଆଇନ ମଦ ବ୍ୟବସାୟ ଅଭିଯୋଗ ହୋଇଥିଲେ ହେଁ ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ମହିଳାମାନେ ଏହି ଘେରାଉ କରିଥିଲେ। ଗ୍ରାମର ମହିଳା ମାନେ ଖୁବ ଶୀଘ୍ର ମଦବିକ୍ରି ବନ୍ଦକରିବା ସହ ବେଆଇନ ମଦ ବ୍ୟବସାୟ ରେ ସଂଶ୍ଳିଷ୍ଟ ଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଛନ୍ତି । ଏନେଇ ଫାଣ୍ଡି ଅଧିକାରୀ ମନହୋର ମହାନ୍ତଙ୍କୁ ପଚାରିବାରୁ ଆଜି ପ୍ରଥମ କରି ମହିଳା ମାନେ ଥାନାରେ ଅଭିଯୋଗ କରିଛନ୍ତି। ବେଆଇନ ମଦ ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ଖୁବ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଜିଲା ଟ୍ରକ ମାଲିକ ସଂଘରେ ବିବାଦ ତେଜିଲା

କେନ୍ଦୁଝର, ୩୧।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘରେ ବିବାଦ ତେଜିବାରେ ଲାଗିଥିବାବେଳେ କର୍ମକର୍ତ୍ତାଙ୍କ ମଧ୍ୟରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ରତର ହେବାକୁ ଲାଗିଛି। ଗତ ଦୁଇଦିନ ତଳେ ସଂଘର କେତେକ କର୍ମକର୍ତ୍ତା ଟ୍ରକ ମାଲିକ ସଂଘରେ ଅନିୟମିତତା ହେଉଥିବା ଭଳି ଗୁରୁତର ଅଭିଯୋଗ ଆଣି ଜିଲା ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏସମ୍ପର୍କରେ ଭିଜିଲାନ୍ସ ନିର୍ଦ୍ଦେଶକ,ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟର ଏବଂ ୫-ଟି ସଚିବଙ୍କୁ ପଠାଇଥିବା ସୂଚନା ମିଳିଛି।

ଲିଖିତ ଅଭିଯୋଗରୁ ଜଣାପଡିଛି ଯେ, କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର ସହାୟତାରେ ମାସକୁ ବହୁ ଅନିୟମିତତା ହେଉଥିବା ବହୁ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ତା୬।୯।୨୦୧୯ରିଖରେ ସଂଘର ସାଧାରଣ ସଂପାଦକଙ୍କ ଦସ୍ତଖତରେ ଏକ ନୋଟିସ ପ୍ରକାଶ ପାଇଥିଲା। ଏହି ନୋଟିସରେ ପରିବହନ ଠିକାଦାର ଏବଂ ଜିଲା ଟ୍ରକ ମାଲିକ ସଂଘର ମିଳିତ ବୈଠକରେ ନିଷ୍ପତ୍ତି ଅନୁଯାୟୀ ପରିବହନ ଠିକାଦାରଙ୍କ ନିକଟରେ ଚାଲାଣ ପୈଠ ସମୟରେ ୫୦ଟଙ୍କା ଓ ଚାଲାଣ କାଟିବା ସମୟରେ ୫୦ଟଙ୍କା ନେବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ବ୍ୟତିକ୍ରମ ହେଲେ ସଂଘ ବିନା ସୂଚନାରେ ପରିବହନ ଠିକାଦାରଙ୍କ କାର୍ଯ୍ୟ ବନ୍ଦ କରିବ ବୋଲି ନୋଟିସ ପ୍ରକାଶ ପାଇଥିଲା। କିନ୍ତୁ ଏଥିରେ ବ୍ୟତିକ୍ରମ ହୋଇଥିବା ସଂଘର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି। ଉପରୋକ୍ତ ଅଭିଯୋଗକୁ ଭିତ୍ତି କରି ଉଚ୍ଚସ୍ତରୀୟ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଏହି କର୍ମକର୍ତ୍ତାମାନେ ଦାବି ଜଣାଇଛନ୍ତି। ଅପରପକ୍ଷରେ ଏବାବଦରେ କେନ୍ଦୁଝର ଜିଲା ଟ୍ରକ ମାଲିକ ସଂଘର ସଭାପତି ରମାକାନ୍ତ ନାୟକଙ୍କୁ ପଚାରିବାରୁ ଏଭଳି ଲିଖିତ ଅଭିଯୋଗ ବାବଦରେ ସେ ଜାଣି ନାହାନ୍ତି। ଗଣମାଧ୍ୟମ ନିକଟରୁ ଜାଣିବା ପରେ ଏ ଦିଗରେ ଅନୁଧ୍ୟାନ କରିବେ ବୋଲି ପ୍ରକାଶ କରିବା ସହ ଏଭଳି ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି। ଅପରପକ୍ଷରେ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କୁ ଏସଂପର୍କରେ ପଚାରିବାରୁ ସେ ଲିଖିତ ଅଭିଯୋଗ ପାଇନାହାନ୍ତି, ପାଇଲେ ତା' ଉପରେ ପଦକ୍ଷେପ ନେବେ ବୋଲି ପ୍ରକାଶ କରିଛନ୍ତି।

# ମାତୃ ସମ୍ମିଳନୀ, ସମର୍ପଣ ଦିବସ

ଯୋଡ଼ା, ୩୧।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ସହରର କୁନ୍ଦୁରୁନାଲାଠାରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରଠାରେ ଶୁକ୍ରବାର ଅପରାହ୍ନରେ ମାତୃ ସମ୍ମିଳନୀ ଓ ସମର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଯୋଡା ଡି.ଏ.ଭି. ବିଦ୍ୟାଳୟର ଶିକ୍ଷୟିତ୍ରୀ ଆଭାରାଣୀ ବଳ ଯୋଗ ଦେଇଥିବା ବେଳେ ସମ୍ମାନନୀୟ ଅତିଥି ଭାବେ ବିଦ୍ୟାଳୟର ସଦସ୍ୟା ଗୀତାରାଣୀ ଲୋହାର ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ଉପସ୍ଥିତ ଥିଲେ । ବିଦ୍ୟାଳୟର ଶିକ୍ଷକ ବସନ୍ତ ଷଡ଼ଙ୍ଗୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ବହୁ ସଂଖ୍ୟାରେ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ମା'ମାନେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଆଭାରାଣୀ ବଳ ନାରୀ ମାନଙ୍କର କର୍ତ୍ତବ୍ୟ ବିଷୟରେ ଅଭିଭାବିକାମାନଙ୍କୁ ନିଜର ବକ୍ତବ୍ୟରେ କହିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁମା ଓ ଗୁରୁଜୀବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ ।


ମାତୃ ସମ୍ମିଳନୀରେ ଉପସ୍ଥିତ ମହିଳା ଓ ଅତିଥି।

# ଜିଲାସ୍ତରୀୟ 'ମୋ ସ୍କୁଲ ଅଭିଯାନ'

କେନ୍ଦୁଝର, ୩୧।୧ (ସ୍ୱ.ପ୍ର./ଡି.ଏନ୍.ଏ.)

ସ୍ଥାନୀୟ ଡିଏନ ହାଇସ୍କୁଲ ପରିସରରେ ଜିଲାସ୍ତରୀୟ 'ମୋ ସ୍କୁଲ ଅଭିଯାନ' ଉତ୍ସବ ପ୍ରକଳ୍ପ ସଂଯୋଜକ କେନ୍ଦୁଝର ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ଅଧ୍ୟାପକ ପଦ୍ମଲୋଚନ ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପାଟଣା, ଝୁମ୍ପୁରା, ସଦର, ବାଂଶପାଳ, ଘଟଗାଁ, ତେଲକୋଇ, ଘଷିପୁରା ବ୍ଲକର ଶିକ୍ଷାଧିକାରୀମାନେ ଯୋଗଦେଇଥିଲେ। ଜିଲାର ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ପୁରାତନ ଛାତ୍ର ଯୋଗଦେଇଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ବିଦ୍ୟାଳୟରେ କରାଯାଇଥିବା ଉନ୍ନତି ମୂଳକ କାର୍ଯ୍ୟର ଫଟୋ ପ୍ରଦର୍ଶନୀ କରାଯାଇଥିଲା। ପୁରାତନ ଛାତ୍ର ମାନେ ଆଲୋଚନା କରିବା ସହ ପରସ୍ପର ସହିତ ସୁଚିନ୍ତିତ ମତାମତର ଆଦାନପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶ କରିବା ନିମନ୍ତେ କେତେକ ପୁରାତନ ଛାତ୍ର ବିଦ୍ୟାଳୟରେ ପାଠ ପଢାଉଥିବାର ମତବ୍ୟକ୍ତ କରିଥିଲେ। ମୋ ସ୍କୁଲ କାର୍ଯ୍ୟକ୍ରମ ମାଧ୍ୟମରେ ପୁରାତନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ସେବା, ବସ୍ତୁ ବା ଅର୍ଥରାଶି ମାଧ୍ୟମରେ ସହଯୋଗ କରିବା ପାଇଁ ବ୍ୟବସ୍ଥା ରହିଛି। ଏହାକୁ ଆହୁରି ଅଧିକ ବ୍ୟାପକ କରିବା ପାଇଁ ଅତିଥିଗଣ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ସତ୍ୟନାରାୟଣ ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର କିଶୋର କୁମାର ମହାନ୍ତ, ରଜତ କୁମାର ସାହୁ, ଶିକ୍ଷକ ବିଜୟ କୁମାର ବେହେରା ଓ ବିଦ୍ୟାଳୟର କର୍ମଚାରୀ କାର୍ଯ୍ୟକ୍ରମରେ ସହଯାଗ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ପୁରାତନ ଛାତ୍ରମାନେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ହାଟଡିହୀ, ୩୧।୧(ଡି.ଏନ.ଏ.)

କେନ୍ଦୁଝର ଜିଲା ହାଟଡିହୀରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବିଇଓ ସୁରେଶ କୁମାର ଜେନା, ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଶିକ୍ଷକ ସନାତନ ଓଝା, ସମ୍ମାନିତ ଅତିଥି ଭାବେ ସରପଞ୍ଚ ଚମ୍ପାବତୀ ପୁହାଣ, ନିରଞ୍ଜନ ବରାଳ, ଶଶାଙ୍କ ଶେଖର ପୁହାଣ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସଭାପତି ଚିନ୍ତାମଣି ରାଉତ, ସମ୍ପାଦକ କୃଷ୍ଣଚନ୍ଦ୍ର ରାଉତ, ଉପସ୍ଥିତ ଥିଲେ। କୁନିକୁନି ପିଲାମାନଙ୍କର ନାଚ ଗୀତରେ ପୁରା ସ୍କୁଲ ପ୍ରାଙ୍ଗଣ ଝଲସି ଉଠିଥିଲା ପ୍ରତି ପିଲାମାନଙ୍କର ପ୍ରଦର୍ଶନ ଅତି ଉଚ୍ଚକୋଟୀର ଥିଲା। ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ଜେନା, ସହକାରୀ ଆଚାର୍ଯ୍ୟ ନର୍ମଦା ମଲ୍ଲିକ, ଆଚାର୍ଯ୍ୟ ହେଲେନା ନାହାକ, ଜଲି ସା, ରଶ୍ମିରୀତା ରଣା, ବିଦ୍ୟୁତପ୍ରଭା ନାୟକ, ବାମନ ଚରଣ ନାୟକ, କାଙ୍ଗାଳି ଚରଣ ମହାନ୍ତି ପ୍ରମୁଖଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମଟି ହୋଇଥିଲା।

# ନିଯୁକ୍ତି ହେଉନାହାନ୍ତି ଦନ୍ତ ଚିକିତ୍ସକ

କେନ୍ଦୁଝର, ୩୧।୧(ସ୍ୱ.ପ୍ର.)

କେନ୍ଦୁଝର ଜିଲାରେ ବିଭିନ୍ନ ସରକାରୀ ଡାକ୍ତରଖାନାରେ ଦନ୍ତ ଚିକିତ୍ସକ ଅଭାବ ଯୋଗୁ ରୋଗୀ ସେବା ବ୍ୟାହତ ହୋଇଛି। ଫଳରେ ଦାନ୍ତ ରୋଗୀ ମାନେ ଅକଥନୀୟ ସମସ୍ୟା ଭୋଗୁଛନ୍ତି। ଅନେକ ସମୟରେ ବାଧ୍ୟ ହୋଇ ଘରୋଇ ଚିକିତ୍ସକଙ୍କ ଦ୍ୱାରସ୍ଥ ହୋଇ ଅଯଥା ଖର୍ଚ୍ଚାନ୍ତ ହେଉଛନ୍ତି। ଜିଲାର ସମସ୍ତ ଉପଖଣ୍ଡ ତଥା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ମଧ୍ୟ ଦନ୍ତ ଚିକିତ୍ସକ ନାହାନ୍ତି। ଫଳରେ ଜିଲାବାସୀ ତଥା ଏହି ସବୁ ଡାକ୍ତରଖାନା ଉପରେ ନିର୍ଭରଶୀଳ ଅନ୍ୟ ଜିଲା ଓ ରାଜ୍ୟର ରୋଗୀ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ସରକାର ଅଧିକ ସଂଖ୍ୟାରେ ଦନ୍ତ ଚିକିତ୍ସକ ନିଯୁକ୍ତି କରୁ ନ ଥିବାରୁ ରୋଗୀ ମାନେ ସେବା ପାଇପାରୁନାହାନ୍ତି। ସେହିପରି ବିଭିନ୍ନ ରୋଗ ପାଇଁ ଆବଶ୍ୟକ ପଡୁଥିବା ଡାକ୍ତର ପଦବୀ ପୂରଣ ପାଇଁ ଜିଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ନିଯୁକ୍ତି ଦିଆଯାଉଛି । କିନ୍ତୁ ଏହି ପାଣ୍ଠିରେ ଜଣେ ହେଲେ ଦନ୍ତ ଚିକିତ୍ସକ ନିଯୁକ୍ତି ଦିଆଯାଉନଥିବାରୁ ଘୋର ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷ କରି ଗରିବ ଶ୍ରେଣୀର ରୋଗୀ ମାନେ ଚିକିତ୍ସିତ ହୋଇ ନ ପାରି କଷ୍ଟ ଯନ୍ତ୍ରଣାରେ ଦିନ କାଟୁଛନ୍ତି। ଏପରିକି ଜିଲାରେ ବହୁ ସଂଖ୍ୟାରେ ଦନ୍ତ ଚିକିତ୍ସକ ଘରୋଇ ଚିକିତ୍ସା କରୁଥିଲେ ହେଁ ସେମାନଙ୍କୁ ଅନ୍ୟ ଡାକ୍ତରଙ୍କ ଭଳି ଡିଏମଏଫ ଅନୁଦାନରେ ନିଯୁକ୍ତି ଦିଆଗଲେ ରୋଗୀ ଉପକୃତ ହୋଇ ପାରନ୍ତେ ବୋଲି ମତ ପ୍ରକାଶ ପାଉଛି ।

ପ୍ରକାଶ ଯେ, କେନ୍ଦୁଝର ଜିଲାରେ ବିଭିନ୍ନ କାରଣରୁ ଦାନ୍ତ ରୋଗ ବୃଦ୍ଧି ପାଉଛି। ସେହିପରି ଦୁର୍ଘଟଣାରେ ବହୁ ଲୋକଙ୍କ ମୁହଁରେ ମାଡ ହେଉଥିବାରୁ ଗୁରୁତର ଆହତ ହେଉଛନ୍ତି । ତେବେ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ରୋଗୀ ମାନେ ଜିଲା ମୁଖ୍ୟଡାକ୍ତରଖାନା କିମ୍ବା କଟକ ବଡ଼ ଡାକ୍ତରଖାନାକୁ ଚିକିତ୍ସା ପାଇଁ ସ୍ଥାନାନ୍ତର କରିବାକୁ ପଡୁଛି । ଏଠାରେ ସୂଚନା ଯୋଗ୍ୟ ଯେ, ଜିଲାରେ ଦୂଷିତ ଜଳ ଓ ଖାଦ୍ୟ ଯୋଗୁ ଅନେକ ଦାନ୍ତ ରୋଗରେ ପିଡିତ ହୋଇଥାନ୍ତି । ସେହିପରି ବହୁଳ ଗୁଟୁଖା ଓ ସାର ଯୁକ୍ତ ଖାଦ୍ୟ ଯୋଗୁ ଦାନ୍ତ ଓ ପାଟିରେ ବିଭିନ୍ନ ପ୍ରକାରର ରୋଗ ହୋଇଥାଏ। ଚିକିତ୍ସା ଅଭାବରୁ ଦୀର୍ଘ ଦିନ ପରେ କ୍ୟାନସର ଭଳି ଦୁଃସାଧ୍ୟ ରୋଗରେ ପରିଣତ ହୋଇଥାଏ। ଏଣୁ ଏସବୁ ଚିକିତ୍ସା ପାଇଁ ଦନ୍ତ ଚିକିତ୍ସକ ଜରୁରୀ ହୋଇଥାଏ । ଏନେଇ ସିଡିଏମଓ ଡ. ଅଶୋକ କୁମାର ଦାସ କହିଛନ୍ତି ଯେ, ଜିଲାରେ ଅନେକ ଡାକ୍ତରଖାନାରେ ଦନ୍ତ ଚିକିତ୍ସକ ପଦବୀ ଖାଲି ରହିଛି । ତେବେ ଡିଏମଏଫ ଅନୁଦାନରୁ ଦନ୍ତ ଚିକିତ୍ସକ ନିଯୁକ୍ତି ଦିଆଯାଇପାରିବ। ଏନେଇ ସରକାରଙ୍କ ଅନୁମତି ମିଳିବା ପରେ ନିଯୁକ୍ତି ଦିଆଯିବ।

## ସଂକ୍ଷେପରେ

### ୩ ଜଣଙ୍କ ଘରୁ ଚୋରି

ଚିତ୍ରଡା,୩୧ା୧(ଡ଼ି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ଥାନା ଅଧୀନ ଚିତ୍ରଡା ପଞ୍ଚାୟତ ମାର୍କେଟ ସାହିର ୩ ଜଣଙ୍କ ଘରେ ଗୁରୁବାର ରାତିରେ ଚୋରମାନେ କଳାକନା ବୁଲାଇଛନ୍ତି। ଗୃହ ମାଲିକ ମୃତ୍ୟୁଞ୍ଜୟ ବେହେରା, ଅନିଲ ମାଝି ଏବଂ ପୁରୁଷୋତ୍ତମ ମାଝିଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଚୋରମାନେ ସମସ୍ତଙ୍କ ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ଜିନିଷ ଓ ନଗଦ ଟଙ୍କା ଚୋରି କରି ନେଇଥିବା ଜଣାପଡ଼ିଛି। ଏନେଇ ଥାନା ଅଧିକାରୀ ଗୋବିନ୍ଦ ଚନ୍ଦ୍ର ବେହେରାଙ୍କୁ ପଚାରିବାରୁ ତଦନ୍ତ ଚାଲୁ ରହିଛି, ଖୁବ୍ ଶୀଘ୍ର ଚୋରମାନେ ଧରା ପଡ଼ିବେ ବୋଲି କହିଛନ୍ତି। ଅଞ୍ଚଳରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି।

### ଫେବୃୟାରୀ ମାସ ପାଇଁ ଅଭିଯୋଗ ଶୁଣାଣି ଶିବିର

ବାରିପଦା ଅଫିସ,୩୧ା୧: ମୟୂରଭଞ୍ଜ ଜିଲା ପ୍ରଶାସନ ପକ୍ଷରୁ ଫେବୃୟାରୀ ମାସ ପାଇଁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର କାର୍ଯ୍ୟକ୍ରମ ନିର୍ଦ୍ଧାରିତ ହୋଇଛି। ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ତତ୍ତ୍ୱାବଧାନରେ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରଥମ ସୋମବାର ୩ ଫେବୃୟାରୀରେ ଜିଲାପାଳଙ୍କ କାର୍ଯ୍ୟାଳୟ, ଫେସିଲିଟେସନ କେନ୍ଦ୍ର ବାରିପଦା, ଦ୍ୱିତୀୟ ସୋମବାର ୧୦ ତାରିଖରେ ବାମନଘାଟୀ ଉପଖଣ୍ଡ, ରାଇରଙ୍ଗପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ, ତୃତୀୟ ସୋମବାର- ୧୭ ଫେବୃୟାରୀରେ ପାଞ୍ଚପୀଢ ଉପଖଣ୍ଡ କରଞ୍ଜିଆ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ଏବଂ ଚତୁର୍ଥ ସୋମବାର ୨୪ ଫେବୃୟାରୀରେ କପ୍ତିପଦା ଉପଖଣ୍ଡ, ଉଦଳା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠଠାରେ ଅନୁଷ୍ଠିତ ହେବ।

### କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ଚିତ୍ରଡା,୩୧ା୧(ଡ଼ି.ଏନ୍.ଏ.): ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଜବାହର ବିଦ୍ୟାପୀଠର କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ମନୋରଞ୍ଜନ ମହାନ୍ତଙ୍କ ତତ୍ତ୍ୱାବଧାନରେ ଏକ ସଭାର ଆୟୋଜନ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଶୀର୍ଷା ହାଇସ୍କୁଲଠାରେ ଜିଲାସ୍ତରୀୟ ସ୍କାଉଟ ଓ ଗାଇଡ଼ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଉକ୍ତ କ୍ୟାମ୍ପରେ ଜବାହର ସରକାରୀ ଉଚ୍ଚ ବିଦ୍ୟାଳୟର ସ୍କାଉଟ ଆଣ୍ଡ ଗାଇଡ଼ ଶିକ୍ଷକ ତଥା ଜିଲାର ସ୍କାଉଟ ସଂଗଠକ ବିଜୟ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ୧୩ଜଣ ସ୍କାଉଟ ଏବଂ ୧୩ ଗାଇଡ଼ ଅଂଶଗ୍ରହଣ କରିଥିଲେ। ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୯ଜଣ ପ୍ରଥମ ଏବଂ ଜଣେ ଦ୍ୱିତୀୟ ସ୍ଥାନ ଅଧିକାର କରି ଚାମ୍ପିୟନ ହୋଇଥିଲେ। ଗୋଲଡ଼ ମେଡାଲ ପାଇଥିବା କୃତୀ ଛାତ୍ରୀଛାତ୍ରମାନେ ହେଲେ ଆୟୁଷ ଅନ୍ତରୀକ୍ଷ ମହାନ୍ତ, ଦେବସ୍ମିତା ବେହେରା ଏବଂ ମାମୁନି ବେହେରା। ସେହିପରି ସ୍ୱାଗତିକା ବେହେରା, ଅଙ୍କିତା ବେହେରା ଏବଂ ଲକ୍ଷ୍ମୀପ୍ରିୟା ସେନାପତି ସିଲଭର ମେଡାଲ ହାସଲ କରିଛନ୍ତି। ସ୍କୁଲର ପରିଚାଳନା କମିଟି, ଶିକ୍ଷୟିତ୍ରୀଶିକ୍ଷକ, ଶିକ୍ଷା କର୍ମଚାରୀ ଉକ୍ତ କୃତୀ ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ।

### ଭାରତବାସୀ ସଂଗଠନର ଧାରଣା

ବାରିପଦା ଅଫିସ,୩୧ା୧: କେନ୍ଦ୍ର ସରକାରଙ୍କ ଲକ୍ଷ୍ୟହୀନ ଶାସନ ବ୍ୟବସ୍ଥା ଯୋଗୁ ଦେଶରେ ସୃଷ୍ଟି ହୋଇଥିବା ଆର୍ଥିକ ସଙ୍କଟ, ମାନ୍ଦାବାସ୍ଥା, ବେରୋଜଗାରି ସମେତ ଅନ୍ୟାନ୍ୟ ବିଭାଜନକାରୀ ନୀତି ବିରୋଧରେ ଭାରତବାସୀ ସଂଗଠନ ପକ୍ଷରୁ ମିଳିତ ଭାବେ ବାରିପଦା ଗାନ୍ଧୀ ପାର୍କ ସ୍ଥିତ ମହାତ୍ମା ମାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଗଣଧାରଣା ଦିଆଯାଇଥିଲା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଶହୀଦ ଦିବସକୁ ସଂଗଠନ ପକ୍ଷରୁ ଜାତୀୟ ସଂହତି ଓ ସଦଭାବନା ଦିବସ ପାଳନ ଅବସରରେ ଏହି ଧାରଣା ଦିଆଯାଇଥିଲା। ଏଥିରେ ପୂର୍ବତନ ଏମ୍‌ପି ଶୁଶିଳା ତିରିଆ, ଜଗବନ୍ଧୁ ମିଶ୍ର, ହେମନ୍ତ ଦାସ, ରବି ଗୋସ୍ୱାମୀ, ଅମଲ ଦେ, ଶ୍ରୀକାନ୍ତ ସାମଲ, ରଘୁନାଥ ପଣ୍ଡା, ବିଜନ ଦାସ, ଖବରଦାତା ସଞ୍ଜୟ ଚୌଧୁରୀ, ଡ.ବନଜା ମହାନ୍ତି, ଅଧ୍ୟାପିକା ଉଷା ଶତପଥୀ, ରଥ ସିଂ, ଅଜୟ କୁମାର ମହାପାତ୍ର, କାହ୍ନୁଚରଣ ବେହେରା, ଜୌତନ୍ୟ ପୂର୍ତ୍ତୀ, ଜ୍ୟୋତି ପ୍ରକାଶ ରଥ, ଶାନ୍ତନୁ କୁମାର ପାଲ, ସୁସ୍ମିତା ଘୋଷାଲ, ନିର୍ମଳ କୁମାର ପ୍ରଧାନ, ଇନ୍ଦୁମତି ମହାନ୍ତି ଓ ଅଧ୍ୟାପକ ଗୋପବନ୍ଧୁ ପ୍ରମୁଖ ଧାରଣାରେ ସାମିଲ ଥିଲେ।

# ଧର୍ମଘଟ ଯୋଗୁ ବ୍ୟାଙ୍କସେବା ବାଧାପ୍ରାପ୍ତ

ବାରିପଦା ଅଫିସ,୩୧ା୧



ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନର କର୍ମକର୍ତ୍ତାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ୟୁନାଇଟେଡ ଫୋରମ ଅଫ ବ୍ୟାଙ୍କ ୟୁନିୟନ(ୟୁଏଫବିୟୁ) ତରଫରୁ ୨ ଦିନିଆ ବ୍ୟାଙ୍କ ଧର୍ମଘଟ ଆରମ୍ଭ ହୋଇଛି। ଶୁକ୍ରବାର ୟୁନିୟନର କର୍ମକର୍ତ୍ତାମାନେ ବାରିପଦାର ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଅନ୍ୟ ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ସହିତ କର୍ମକର୍ତ୍ତାମାନେ ସହରରେ ଥିବା ବିଭିନ୍ନ ବେସରକାରୀ ବ୍ୟାଙ୍କ ସମ୍ମୁଖରେ ବିକ୍ଷୋଭ କରିବାରୁ ସମସ୍ତ ବ୍ୟାଙ୍କ ବନ୍ଦ ରହିଥିଲା। ସେହିପରି ସମଗ୍ର ଜିଲାରେ ଥିବା ୧୫୦ରୁ ଊର୍ଦ୍ଧ୍ୱ ବ୍ୟାଙ୍କ ବନ୍ଦ ରହିଥିଲା। ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ କର୍ମକର୍ତ୍ତା ବନ୍ଦ ପାଳନରେ ସାମିଲ ହୋଇ ମୋଟର ସାଇକଲ ଶୋଭାଯାତ୍ରା କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ୟୁନିୟନ ପକ୍ଷରୁ ସମ୍ମାନଜନକ ବେତନ ବୃଦ୍ଧି, ୫ ଦିନିଆ ବ୍ୟାଙ୍କିଙ୍ଗ ସେବା, ପେନସନ ସଂଶୋଧନ, ନିର୍ଦ୍ଧାରିତ କାର୍ଯ୍ୟ ସମୟ ସୀମା ଆଦି ଦାବି କରାଯାଇଛି। ଏହି ଧର୍ମଘଟରେ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଲକ୍ଷ୍ମୀଧର ସିଂ, ଅଶୋକ ପଟ୍ଟନାୟକ, ବୀରେନ୍ଦ୍ର ମହାନ୍ତି, ବ୍ୟାଙ୍କ ଅଫ ଇଣ୍ଡିଆର ଭବାନୀ ଶଙ୍କର ସାମଲ, ଶରତ ଚନ୍ଦ୍ର ମିଶ୍ର, ରଜନୀ ଦଳେଇ, ପ୍ରଶାନ୍ତ ମହାନ୍ତି, ବ୍ୟାଙ୍କ ଅଫ ବରୋଦାର ଯଜାତି କେଶରୀ ପଟ୍ଟନାୟକଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ଶନିବାର ୟୁନିୟନ ପକ୍ଷରୁ ଜିଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଦାବିପତ୍ର ପଠାଯିବ ବୋଲି ୟୁନିୟନର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ

କପ୍ତିପଦା,୩୧ା୧(ଡ଼ି.ଏନ୍.ଏ)

କପ୍ତିପଦା ବ୍ଲକ ଅଧୀନ ଶରତସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରୌପ୍ୟ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ପୁରାତନ ଛାତ୍ର ସଂସଦର ସଭାପତି ବିଶ୍ୱନାଥ ବଦ୍ରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ବୀରଭଦ୍ର ସିଂ, ମୁଖ୍ୟବକ୍ତା ଉତ୍ତରଓଡ଼ିଶା ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ନିର୍ଦ୍ଦେଶକ ଡ. ଅନାଦି ଗାଆଁଣ, ସମ୍ମାନନୀୟ ବକ୍ତା କରଞ୍ଜିଆ ବିଧାୟିକା ବାସନ୍ତୀ ହେମ୍ବ୍ରମ୍, ସମ୍ମାନନୀୟ ଅତିଥି ଜିଲା ପରିଷଦ ସଭ୍ୟା ସସ୍ମିତା ସିଂପୂର୍ତ୍ତି, ସରପଞ୍ଚ ଚୈତନ୍ୟ ସୋରେନ୍, ପୂର୍ବତନ ସରପଞ୍ଚ ମାର୍କଣ୍ଡ ହେମ୍ବ୍ରମ୍, ପୂର୍ବତନ ସମିତି ସଭ୍ୟ ତୁରାମ ସିଂ, ଜଣ୍ଡକ ସିଂ, ମାଝୀ ହାଲାମ୍ ଜଗଦୀଶ ଚନ୍ଦ୍ର ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ। ପୂର୍ବାହ୍ନରେ ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ରୌପ୍ୟ ଜୟନ୍ତୀ କମିଟିର ସମ୍ପାଦକ ଭଗବାନ ପଣ୍ଡାଙ୍କ ପୌରହିତ୍ୟରେ ରୌପ୍ୟ ଜୟନ୍ତୀ ପତାକାକୁ ମୁଖ୍ୟ ଅତିଥି ସିଂ ଉତ୍ତୋଳନ କରିଥିଲେ। ଉଲ୍ଲେଖନୀୟ ଅବଦାନ ପାଇଁ ରାଜ୍ୟ ତଥା ଜାତୀୟ ପୁରସ୍କୃତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର, ପଣ୍ଡିତ ରଘୁନାଥ ମୁର୍ମୁ ମହାବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ସୁରାଏ ହେମ୍ବ୍ରମ୍‌ଙ୍କ ଧର୍ମପତ୍ନୀ ଫୁଲମଣି ହେମ୍ବ୍ରମ୍, ପୂର୍ବତନ ସଭାପତି ପ୍ରକୃତି ବନ୍ଧୁ ଅର୍ଜୁନ ମହାନ୍ତ, ମହାବିଦ୍ୟାଳୟ ପରିଚାଳନା କମିଟିର ସଭ୍ୟ ତଥା ମାଝୀହାଲାମ୍ ପ୍ରିଥୀ ମାର୍ଣ୍ଡି, ଶିକ୍ଷାବିତ୍ ନନ୍ଦଲାଲ ସେଠୀ, ରାମଚନ୍ଦ୍ର ପୂର୍ତ୍ତୀ, ଡ଼ିବିରାମ ସୋରେନ୍‌ଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପକ ଅଶୋକ କୁମାର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ବିବରଣୀ ପାଠ କରିଥିଲେ ଅଧ୍ୟାପକ ପ୍ରତାପ ଚନ୍ଦ୍ର ଦାଶ । ଅଧ୍ୟାପକ ମନୋରଞ୍ଜନ ବିହାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## 'କଠିନ ଅଧ୍ୟବସାୟ ସଫଳତାର ଚାବିକାଠି'

ଉଦଳା,୩୧ା୧(ଡ଼ି.ଏନ୍.ଏ.)

ଜୀବନରେ ଧୈର୍ଯ୍ୟ ଏବଂ କଠିନ ଅଧ୍ୟବସାୟ ସମସ୍ତ ସଫଳତାର ଚାବିକାଠି ବୋଲି ଉଦଳା ବ୍ଲକ ଅଧୀନ ଦୁଗୁଧା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ କହିଛନ୍ତି। ପ୍ରଧାନଶିକ୍ଷକ ସନ୍ତୋଷ କୁମାର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉଦଳା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର, ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ କରୁଣାକର ମହାପାତ୍ର, ସମ୍ମାନୀୟ ଅତିଥି ଉଦଳା ସହ ଶିକ୍ଷା ଅଧିକାରୀ ଉମେଶ ଚନ୍ଦ୍ର ରାଉତ, ଜଗବନ୍ଧୁ ନାୟକ, ସ୍ଥାନୀୟ ସରପଞ୍ଚ ଯବାମଣୀ ସୋରେନ୍ ପ୍ରମୁଖ ମଞ୍ଚାସୀନ ହୋଇଥିଲେ । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନ ଦିଗରେ ଅଭିଭାବକଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହିତ ଧୈର୍ଯ୍ୟ ଏବଂ କଠିନ ଅଧ୍ୟବସାୟ ସଫଳତାର ଚାବିକାଠି ବୋଲି ଅତିଥିମାନେ ବକ୍ତବ୍ୟରେ କହିଥିଲେ। ସହକାରୀ ଶିକ୍ଷକ ରଜତ କୁମାର ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷକ ଦୈତାରୀ ବିଦ୍ଧାଣୀ ଏବଂ ବନ୍ଦିତା ଚୌଧୁରୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ୩ଟି ବିଭାଗର ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁଦର୍ଶନ ନାୟକ, ସିଆରସିସି ବିଜୟ କୁମାର ବେହେରା, କ୍ଷିତିଶ ଚନ୍ଦ୍ର ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ରଥିଆ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ ।

### ଦୁଗୁଧା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ସମୀକ୍ଷା ବୈଠକ

ରାଇରଙ୍ଗପୁର, ୩୧ା୧(ଡି.ଏନ୍.ଏ.)

ରାଇରଙ୍ଗପୁର ବନ ବିଭାଗ ରେଞ୍ଜ କାର୍ଯ୍ୟାଳୟ ପରିସରରେ ବନଖଣ୍ଡସ୍ତରୀୟ ଓଡ଼ିଶା ରାଜ୍ୟ ବନାଞ୍ଚଳ ପ୍ରକଳ୍ପ-୨ର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଇରଙ୍ଗପୁର ଡିଏଫ୍‌ଓ ଅରୁଣ କୁମାର ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ସ୍ଥାନୀୟ ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତ ନାରାୟଣ ସିଂ ଲାଗୁରୀ, ଅତିରିକ୍ତ ଏସ୍‌ପି ଅଶୋକ କୁମାର ପଟ୍ଟନାୟକ, ସହକାରୀ ଜିଲାପାଳ ଶକୁନ୍ତଳା ହାଁସଦା, ଉଦ୍ୟାନ ବିଭାଗ ସହକାରୀ ନିର୍ଦ୍ଦେଶକ ମାନସିଂ ସୋରେନ, ବାରିପଦାସ୍ଥିତ ଜଳଛାୟା ପ୍ରକଳ୍ପ ନିର୍ଦ୍ଦେଶକ ଶୁଭେନ୍ଦୁ ଦାସ, ଯାମଦା ବିଡିଓ କୁଲୁ ମାଝି ଏବଂ ବିଜାତଳା ବିଡିଓଙ୍କ ପଦାଧିକାରୀଗଣ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରାଇରଙ୍ଗପୁର ବନ ଡିଭିଜନ ଅଧୀନ ୫ଟି ରେଞ୍ଜ ଅଞ୍ଚଳର ବିଭିନ୍ନ ବନାଞ୍ଚଳ ଗ୍ରାମବାସୀମାନଙ୍କ ଜୀବନ ଜୀବିକା ସମେତ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଯୋଜନା କାର୍ଯ୍ୟକଳାପ ଉପରେ ସମୀକ୍ଷା କରାଯାଇଥିଲା। ଏହି ଅବସରରେ ରାଇରଙ୍ଗପୁର ବନ ଡିଭିଜନର ରେଞ୍ଜ ଅଫିସର, ଫରେଷ୍ଟରଙ୍କ ସମେତ ଭିଏସ୍‌ଏସ୍, ଏନିମେଟର ସଙ୍ଗଠନର କର୍ମକର୍ତ୍ତା ଏବଂ ସଦସ୍ୟାସଦସ୍ୟଗଣ ଯୋଗ ଦେଇଥିଲେ।

## 'ନିଷ୍ଠାର ସହ ପରିଶ୍ରମ କଲେ ସଫଳତା ମିଳେ'

ବଡ଼ସାହି,୩୧ା୧(ସ୍ୱ.ପ୍ର.)

ବାର୍ଷିକ ଉତ୍ସବ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧ୍ୟରେ ସୁପ୍ତ ଚେତନା ଜାଗ୍ରତ ହୋଇଥାଏ । ନିଷ୍ଠାର ସହ ପରିଶ୍ରମ କଲେ ଛାତ୍ର ଜୀବନରେ ସଫଳତା ମିଳିଥାଏ ବୋଲି ଚନ୍ଦନପୁର ନୂତନ ଆଶ୍ରମ ସ୍କୁଲର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଚନ୍ଦନପୁର ଗ୍ରାମର ସମାଜସେବୀ ଅନିଲ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବାନାମ୍ବର ମଲ୍ଲିକ, ମୁଖ୍ୟବକ୍ତା ଭାବେ ଶିକ୍ଷକ ସଚ୍ଚିନ୍ଦ୍ର ବିଶ୍ୱାଳ, ସମ୍ମାନନୀୟ ଅତିଥି ଭାବେ ବିପିଏମ୍ ରଞ୍ଜନ କୁମାର ସାମଲ ଓ ପରିଚାଳନା କମିଟିର ସଭାପତି ପିଲୁ ସିଂ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ଭୂୟାଁ ବାର୍ଷିକ ବିବରଣୀ ପାଠ କରିଥିଲେ । ଛାତ୍ରୀଛାତ୍ରଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ ହୋଇଥିଲା । ସହକାରୀ ଶିକ୍ଷକ ସତ୍ୟନାରାୟଣ ପଣ୍ଡା ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ । ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ଶିକ୍ଷକ ଅଭିମନ୍ୟୁ ସାତୁଆ, ପ୍ରତିମା କର, ଚିନ୍ମୟୀ ଆରୁଖଙ୍କ ସହ ସମସ୍ତ କର୍ମଚାରୀ ଏଥିରେ ସହଯୋଗ କରିଥିଲେ। ଶିକ୍ଷକ ଦେବଦତ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ।


ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥିମାନେ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଝାରପୋଖରିଆ,୩୧ା୧(ଡି.ଏନ୍.ଏ.)

ସାରସକଣା ନୋଡାଲ ଉଚ୍ଚ ପ୍ରାଥମିକ ସ୍କୁଲ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକର ୧୭ଟି ପଞ୍ଚାୟତ ଅଧୀନରେ ଥିବା ଭିନ୍ନକ୍ଷମମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ଅନ୍ତର୍ଭୁକ୍ତ କରି ସୁବିଧା ସୁଯୋଗ ଯୋଗାଇ ଦେବା ଏହି ଶିବିରର ମୂଳ ଲକ୍ଷ୍ୟ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଚୁନୁରାମ ହାଁସଦା ପ୍ରକାଶ କରିଛନ୍ତି। ବ୍ଲକ ଅଧ୍ୟକ୍ଷ ମଙ୍ଗଲ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ସାରସକଣା ବିଧାୟକ ଡା. ବୁଢ଼ାନ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସାରସକଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନାକର ଶର୍ମାଙ୍କ ସଭାପତିତ୍ୱରେ ପରିଚାଳିତ କାର୍ଯ୍ୟକ୍ରମରେ ସମ୍ମାନନୀୟ ଅତିଥି ଭାବେ ଜିଲା ଆଦିବାସୀ ଉନ୍ନୟନ ଯୋଜନାର ପିଏ ବିଜୟ କୁମାର ଥମ୍ବ, ଝାରପୋଖରିଆ ଥାନା ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ବିପିଏମ୍ ବସନ୍ତ କୁମାର ମଲ୍ଲିକ, ସହକାରୀ ଯନ୍ତ୍ରୀ ବ୍ରହ୍ମାନନ୍ଦ ମହାନ୍ତ, ଏପିଓ ଦିଲ୍ଲୀପ କୁମାର ମହାନ୍ତି, ଶିଶୁ ବିକାଶ ଯୋଜନା ଅଧିକାରିଣୀ ଭାନୁମତି ବେହେରା ପ୍ରମୁଖ ପରିଚାଳନା କରିଥିବା ବେଳେ ବ୍ଲକ୍‌ର ବିଭିନ୍ନ ବିଭାଗର ପଦାଧିକାରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବର୍ଗରେ ମୋଟ ୩୮୯ ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରିଥିଲେ।

## ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା


କ୍ରୀଡ଼ା ପ୍ରତିଯୋଗିତାରେ ଯୋଗ ଦେଇଥିବା ଅତିଥିମାନେ।

ଯଶୀପୁର,୩୧ା୧(ଡ଼ି.ଏନ୍.ଏ.)

ଯଶୀପୁର ବ୍ଲକ ଏକତାଳି ଗ୍ରାମର ରାଜାରାମ ଯୁବକ ସଂଘ ଆନୁକୂଲ୍ୟରେ ୪୩ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ କମ୍ରେଡ ଶମ୍ଭୁନାଥ ନାଏକ ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥିଭାବେ ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତ, ମନୋଜ ମହାନ୍ତ, ଭାଗ୍ୟଲକ୍ଷ୍ମୀ ମହାନ୍ତ, ସତ୍ୟବାନ ମହାନ୍ତ ଓ ରଥ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ୧୯୭୭ରେ ପ୍ରଥମେ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ କରିଥିବା ବରିଷ୍ଠ ନାଗରିକ ପ୍ରତାପ ଚନ୍ଦ୍ର ମହାନ୍ତ ଓ ଅନିରୁଦ୍ଧ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର କର୍ମକର୍ତ୍ତାମାନେ ଖେଳ ପରିଚାଳନାରେ ସହଯୋଗ କରିଥିଲେ। ମନୋରଞ୍ଜନ ପାଇଁ ଛଉନୃତ୍ୟ ପରିବେଷଣ କରାଯାଇଥିଲା। ମିଳନ ମହାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସ୍ୱଚ୍ଛ ଭାରତ ଅଭିଯାନ

କୁଆମରା,୩୧ା୧(ଡି.ଏନ୍.ଏ.)

ଗୋପବନ୍ଧୁ ନଗର ବ୍ଲକ କୁଆମରା ପଞ୍ଚାୟତ ଅନ୍ତର୍ଗତ ପତୁଆ ଗ୍ରାମବାସୀଙ୍କ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହିଅବସରରେ ଗ୍ରାମ ସଫେଇ, ରାସ୍ତା ମରାମତି, ପାନୀୟ ଜଳ ଓ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। ସୁଧାଂଶୁ ମହାପାତ୍ର, ବାସୁଦେବ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମରେ ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ।

## ୧୦୯ ଖଡ଼ିଆ ପରିବାରକୁ କମ୍ବଳ ବଣ୍ଟନ

ଠାକୁରମୁଣ୍ଡା,୩୧ା୧(ଡ଼ି.ଏନ୍.ଏ.)

ଶିମିଳିପାଳ ଅଭୟାରଣ୍ୟର ଯଶିପୁର ବ୍ଲକ ଅଧୀନ ଗୁଡୁଗୁଡିଆ ରେଞ୍ଜ ଖଜୁରୀ ଅଞ୍ଚଳରୁ ଭିଟାମାଟି ଛାଡି ବନବିଭାଗ ସହାୟତାରେ ଠାକୁରମୁଣ୍ଡା ବ୍ଲକ ସାଲେଇବେଡାଠାରେ ଗତ ୨୪ ତାରିଖଠାରୁ ଆଶ୍ରୟ ନେଇଥିବା ୧୦୯ ଖଡ଼ିଆ ଜନଜାତି ପରିବାରର ୨୭୨ ଜଣଙ୍କୁ ଶୁକ୍ରବାର ଠାକୁରମୁଣ୍ଡା ଷ୍ଟେଟ ବ୍ୟାଙ୍କ ଶାଖା ପକ୍ଷରୁ କମ୍ବଳ ପ୍ରଦାନ କରାଯାଇଛି। ଠାକୁରମୁଣ୍ଡା ବ୍ଲକ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇ କମ୍ବଳ ବଣ୍ଟନ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ଶାଖା ପରିଚାଳକ ନରେନ୍ଦ୍ର ପୂର୍ତ୍ତି, ସାଲେଇବେଡା ସରପଞ୍ଚ ସୁକଲାଲ ପଳେୟା, ରେଞ୍ଜ ଅଧିକାରୀ ପ୍ରଭାତ କୁମାର କୁଅଁର, ବ୍ୟାଙ୍କ କର୍ମଚାରୀ ଆନନ୍ଦ ଚନ୍ଦ୍ର ଗିରି, ହରିଶ ମୁର୍ମୁ, ଶରତ ତ୍ରିପାଠୀ ତଥା ବନବିଭାଗର କର୍ମଚାରୀମାନେ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିଲେ।


ଷ୍ଟେଟବ୍ୟାଙ୍କ ପକ୍ଷରୁ କମ୍ବଳ ବଣ୍ଟନ କରାଯାଉଛି।

# ପାନୀୟଜଳ, ଶିଳ୍ପ ଉପରେ ଗୁରୁତ୍ୱ

ବିଶୋଇ,୩୧ା୧(ଡ଼ି.ଏନ୍.ଏ.)

ବିଶୋଇ ପଞ୍ଚାୟତ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ତୁଳସୀ ଶିକ୍ରି ହାଁସଦାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଉପାଧ୍ୟକ୍ଷ ବୁଦ୍ଧିମାନ ମଣ୍ଡଳ, ଏମପି ପ୍ରତିନିଧି ଗଜେନ୍ଦ୍ର ବେହେରା,ବିଧାୟକ ପ୍ରତିନିଧି ଜୁରିଲାଲ ମହାନ୍ତ, ଭାରପ୍ରାପ୍ତ ବିଡ଼ିଓ ତ୍ରିନାଥ ମାଝୀ, ତହସିଲଦାର ଶ୍ରବଣ କୁମାର ପୃଷ୍ଟିଙ୍କ ସମେତ ବ୍ଲକର ସମସ୍ତ ପିଆରଆଇ ମେମ୍ବର ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ। ବ୍ଲକ ଅଧ୍ୟକ୍ଷା ହାଁସଦା ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ବ୍ଲକର ପ୍ରାଥମିକ ଶିକ୍ଷା,ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ ଯୋଜନା, ସାଧାରଣ ବଣ୍ଟନ ବ୍ୟବସ୍ଥା, ସାମାଜିକ ସୁରକ୍ଷା, ଶିଳ୍ପ ବିକାଶ, ଉନ୍ନୟନ କାର୍ଯ୍ୟ, ରାଜସ୍ୱ, ଅବକାରୀ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଏବଂ ପାନୀୟ ଜଳ ଯୋଗାଣ ଉପରେ ଆଲୋଚନା କରଯାଇଥିଲା। ବିଶେଷ କରି ପାନୀୟ ଜଳ ଯୋଗାଣ ଓ ଶିଳ୍ପ ପ୍ରତିଷ୍ଠା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ବିଦ୍ୟୁତ୍ ଓ ଶିକ୍ଷା ବିଭାଗ ଅଧିକାରୀଙ୍କ ଅନୁପସ୍ଥିତି ଯୋଗୁ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିପରି ଆଗାମୀ ଗ୍ରୀଷ୍ମ ଦିନକୁ ଦୃଷ୍ଟିରେ ରଖି ବ୍ଲକରେ ଥିବା ସମସ୍ତ ଗ୍ରାମକୁ ପାନୀୟଜଳ ଯୋଗାଣ, ଡାକ୍ତର ଶୁନ୍ୟ ଥିବା ବିଶୋଇ ପ୍ରାଥମିକ ଚିକିତ୍ସାଳୟରେ ଡାକ୍ତର ନିଯୁକ୍ତି କରିବା ବିଷୟରେ ଯଥାଶୀଘ୍ର ପ୍ରଶାସନ ତରଫରୁ ପଦକ୍ଷେପ ନେବା ନିମନ୍ତେ ଦାବି ହୋଇଥିଲା। ବ୍ଲକରେ ଥିବା ସମସ୍ତ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ବ୍ଲକରେ ଶିଳ୍ପ ସୃଷ୍ଟି କରିବା ଆଦି ପ୍ରମୁଖ ଆଲୋଚନା ହୋଇଥିଲା। ଏହି ସମସ୍ତ ସମସ୍ୟା ଗୁଡିକୁ ତରାନ୍ୱିତ କରି ଯଥାଶୀଘ୍ର ସମାଧନ କରିବାକୁ ବାଉତିବେଡା ସମିତି ସଦସ୍ୟ କ୍ଷୀରଦ କୁମାର ନନ୍ଦଙ୍କ ସମେତ ସମସ୍ତ ପିଆରଆଇ ମେମ୍ବର ଦାବି କରିଥିଲେ। ବ୍ଲକ ଜିପିଇଓ ରୂପେଶ ନାଏକ ସଭା ପରିଚାଳନା କରିଥିବା ବେଳେ ବ୍ଲକର ସମସ୍ତ କର୍ମଚାରୀ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀ ଓ ଜନ ପ୍ରତିନିଧିମାନେ।

### ବିଶୋଇ ପଞ୍ଚାୟତ ସମିତିର ବୈଠକ

## ସଂକ୍ଷେପରେ

### ଛାତ୍ରୀଛାତ୍ରଙ୍କ ସମସ୍ୟା ବୁଝିଲେ ପର୍ଯ୍ୟଟନ ମନ୍ତ୍ରୀ

**ଖଇରା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକୋତ୍ସବ ଗୁରୁବାର ପ୍ରତିକୂଳ ପାଗ ସତ୍ତ୍ୱେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଯୋଗଦେଇ କୁନି କୁନି ଛାତ୍ରୀଛାତ୍ର ଅଭିଭାବିକଙ୍କ ସହ ବାର୍ତ୍ତାଳାପ କରିବା ଅବସରରେ ସ୍କୁଲର ସମସ୍ୟା ଓ ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। କମଳାକାନ୍ତ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ସମ୍ପାଦକ ଆନନ୍ଦ ଚନ୍ଦ୍ର ନାୟକ ବିବରଣୀ ପାଠ କରିଥିଲେ। ମୁଖ୍ୟବକ୍ତା ଭାବେ ଶିକ୍ଷକ ନେତା ରାଧାକାନ୍ତ ପଣ୍ଡା, ସମ୍ମାନନୀୟ ଅତିଥି ଭାବେ ପ୍ରାକ୍ତନ ସରପଞ୍ଚ କରୁଣାକର ଜେନା, ଜିଲା ପରିଷଦ ସଭ୍ୟ ଜୟନ୍ତୀ ମହଲା, ସରପଞ୍ଚ ତିଲୋତ୍ତମା ମଲ୍ଲିକ, ବ୍ରଜ କିଶୋର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଆଚାର୍ଯ୍ୟ ମନୋରଞ୍ଜନ ଧର ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଭ୍ୟାସଭ୍ୟ, ଗୁରୁମାଗୁରୁଜୀ ସଭା ପରିଚାଳନାରେ ସହଯୋଗ କରିଥିଲେ।

### ପ୍ରଧାନଶିକ୍ଷକଙ୍କ ଜନ୍ମଦିନ ପାଳିଲେ ଛାତ୍ରୀଛାତ୍ର

**ଖଇରା, ୩୧।୧(ଡି.ଏନ.ଏ.):** ଏବେ ସମାଜରେ ଗୁରୁ ଶିଷ୍ୟ ସମ୍ପର୍କରେ ଫାଟ ସୃଷ୍ଟି ହୋଇଛି। ଛାତ୍ରୀଛାତ୍ର ମାନେ ଗୁରୁଙ୍କୁ ଉପଯୁକ୍ତ ସମ୍ମାନ ଦେବା କଥା ଭୁଲିଗଲେଣି। ସେପଟେ ଶିକ୍ଷକମାନଙ୍କ ମଧ୍ୟରେ ନୈତିକତା ଅଭାବରୁ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଉପଯୁକ୍ତ ସମ୍ମାନ ମିଳୁନାହିଁ। ହେଲେ ଏଭଳି ଉକ୍ତିଙ୍କୁ ଭୁଲ ପ୍ରମାଣିତ କରିଛନ୍ତି ଖଇରା ବ୍ଲକ ଗଡପୋଖରୀ ଉପ୍ରା ବିଦ୍ୟାଳୟର ଛାତ୍ରୀଛାତ୍ର। ଗୁରୁବାର ସେମାନଙ୍କର ଅତିପ୍ରିୟ ପ୍ରଧାନଶିକ୍ଷକ ପରେଶ ଦକ୍ଷିଣରାୟଙ୍କ ଜନ୍ମଦିନକୁ ବିଦ୍ୟାଳୟ ପରିସରରେ ପାଳନ କରାଯାଇଛି। ନିଜ ଖର୍ଚ୍ଚରେ ପିଲାମାନେ କେକ କାଟି ପ୍ରଧାନଶିକ୍ଷକଙ୍କ ଜନ୍ମଦିନ ପାଳି ଉଦାହରଣ ସୃଷ୍ଟି କରିଛନ୍ତି। ଏଥିରେ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ଖଇରା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ଗ୍ରାମ ନିବାସୀ ତଥା ପ୍ରାକ୍ତନ ସରପଞ୍ଚ ଏବଂ ବିଜେଡିର ଛାମୁଆ ନେତା ଭୀମଚରଣ ରାଉତ(୮୬)ବୁଧବାର ରାତିରେ ପ୍ରାଣ ହରାଇଛନ୍ତି। ସେ ଅବିଭକ୍ତ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ୧୯୯୨ରୁ ୯୫ ଏବଂ ନୂତନ ଭାବେ ଗଠିତ ନନ୍ଦୁର ପଞ୍ଚାୟତରେ ୨୦୦୨ରୁ ୨୦୦୫ ପର୍ଯ୍ୟନ୍ତ ସରପଞ୍ଚ ଭାବେ ରହି ଅନେକ ବିକାଶ ମୂଳକ କାର୍ଯ୍ୟ କରି ନିଜ ଲୋକପ୍ରିୟତାର ପରିଚୟ ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ପୂର୍ବତନ ସରପଞ୍ଚ ଜୟନ୍ତୀ ପତି, ବିଜେଡି ସମ୍ପାଦକ ପ୍ରହ୍ଲାଦ ପତି, ବର୍ତ୍ତମାନର ସରପଞ୍ଚ ସୁରେନ୍ଦ୍ର ପ୍ରସାଦ ନାୟକ ଓ ଶିକ୍ଷକ ଗଣନାଥ ଓଝା ପ୍ରମୁଖ ଶେଷ ଦର୍ଶନ କରିଥିଲେ।

### ପରଲୋକରେ ବିଦ୍ୟାଳୟ ପ୍ରତିଷ୍ଠାତା

**ରୂପ୍‌ସା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ସଦର ବ୍ଲକ ଦୁବୁଲାଗଡ଼ି ୟୁନିୟନ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ବନବିହାରୀ କମାଣ୍ଡାଙ୍କର ସୋମବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୭ ବର୍ଷ ବୟସ ହୋଇଥିଲା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ୨୫ତାରିଖରେ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଜଣେ ସମାଜସେବୀ, ଅନୁଷ୍ଠାନପ୍ରେମୀ, ଆଧାତ୍ମିକବାଦୀ ଓ ଧର୍ମପରାୟଣ ବ୍ୟକ୍ତି ଭାବେ ସେ ସମଗ୍ର ଅଞ୍ଚଳରେ ଖ୍ୟାତି ଅର୍ଜନ କରିଥିଲେ। ତାଙ୍କ ମରଶରୀରକୁ ଏକ ବିଶାଳ ଶୋଭାଯାତ୍ରାରେ ଦୁବୁଲାଗଡ଼ିସ୍ଥିତ ଘରୁ ଅଣାଯାଇ ଅଞ୍ଚଳ ପରିକ୍ରମା ପରେ ଗାଁ ଶ୍ମଶାନରେ ଅନ୍ତ୍ୟେଷ୍ଟିକ୍ରିୟା କରାଯାଇଥିଲା।

# ଶିକ୍ଷକ ନିଯୁକ୍ତି ଦାବିରେ ଡିଇଓ ଅଫିସ୍ ଘେରାଉ

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଜିଲା ସଦର ବ୍ଲକ ଓଲନ୍ଦାସାରଗାଁ ରାଧାମୋହନ ନୋଡ଼ାଲ ଉପ୍ରା ବିଦ୍ୟାଳୟର ପରିଚାଳନା କମିଟି ସଦସ୍ୟାସଦସ୍ୟ ଶିକ୍ଷକ ନିଯୁକ୍ତି ଦାବିରେ ଶୁକ୍ରବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଆନ୍ଦୋଳନ କରିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସୁରେଶ ଶଙ୍ଖୁଆ ଓ ବ୍ଲକ ଶିକ୍ଷାଧିକାରୀ କବିତା ଜେନା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ କଥାବାର୍ତ୍ତା କରି ୨ ଦିନ ଭିତରେ ଶିକ୍ଷକ ନିଯୁକ୍ତି ହେବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ଅଭିରାମ ବାରିକ, ପିତାମ୍ବର ଭୂୟାଁ, ଶ୍ରୀଧର ସିଂହ, ପିତାମ୍ବର ସାହୁ ପ୍ରମୁଖ ୧୫ରୁ ଉର୍ଦ୍ଧ୍ୱ ସଦସ୍ୟ ଆନ୍ଦୋଳନରେ ସାମିଲ୍ ଥିଲେ।

ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୬୭ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ପ୍ରାୟ ୧ବର୍ଷ ଧରି ପ୍ରଧାନଶିକ୍ଷକ ପଦବୀ ଫାଙ୍କା ଥିଲା। ଗତ ୨୦୧୯ ଡିସେମ୍ବର ୧୮ତାରିଖଠାରୁ ସହକାରୀ ଶିକ୍ଷୟିତ୍ରୀ ସୁଜାତା ଦାସଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ମାତ୍ର ୪ଜଣ ଶିକ୍ଷୟିତ୍ରୀଶିକ୍ଷକ ଥିବା ବେଳେ ୮ଟି ଶ୍ରେଣୀକୁ କିପରି ଭାବେ ପାଠ ପଢ଼ାଯିବ ଅଭିଯୋଗ କରି କିଛିଦିନ ପୂର୍ବରୁ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ବିଦ୍ୟାଳୟ ସମ୍ମୁଖରେ ଯାଇଥିବା ଗ୍ରାମର ମୁଖ୍ୟ ରାସ୍ତାକୁ ବନ୍ଦ କରିବାରୁ ବ୍ଲକ ଶିକ୍ଷାଧିକାରୀଙ୍କ ତରଫରୁ ୧୫ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପୂରଣ କରିଦେବାର ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଆଜକୁ ୧ମାସ ବିତିଯାଇଥିଲେ ମଧ୍ୟ କୌଣସି ଶିକ୍ଷକଙ୍କ ନିଯୁକ୍ତି ନ ହେବାରୁ ପରିଚାଳନା କମିଟିର ସଦସ୍ୟମାନେ ଶୁକ୍ରବାର ଜିଲା ଶିକ୍ଷାଧିକାରୀଙ୍କ ଅଫିସ୍ ସମ୍ମୁଖରେ ବସି ଆନ୍ଦୋଳନ କରିଥିଲେ।


ଆନ୍ଦୋଳନକାରୀଙ୍କ ସହ ଜିଲା ଅତିରିକ୍ତ ଶିକ୍ଷାଧିକାରୀ ଆଲୋଚନା କରୁଛନ୍ତି।

# ବାଲେଶ୍ୱର ଷ୍ଟେଶନରେ ଅହୋରାତ୍ର ଉଡ଼ିଲା ତ୍ରିରଙ୍ଗା

**ବାଲେଶ୍ୱର ଅଫିସ,୩୧।୧**

ବାଲେଶ୍ୱର ରେଳଷ୍ଟେଶନଠାରେ ରେଳ ବିଭାଗ ପକ୍ଷରୁ ଅହୋରାତ୍ର ତ୍ରିରଙ୍ଗା ପତାକା ଉଡ଼ିବା ବ୍ୟବସ୍ଥା ଶୁକ୍ରବାରଠାରୁ କରାଯାଇଛି। ସଦର ବିଧାୟକ ମଦନମୋହନ ଦତ୍ତ ଷ୍ଟେଶନରେ ପହଞ୍ଚି ତ୍ରିରଙ୍ଗା ପତାକାକୁ ସଲାମ କରିଥିଲେ। ବିଧାୟକଙ୍କ ଅନୁରୋଧ କ୍ରମେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ସଂଖ୍ୟା ୯୮୭୩ରେ ଉକ୍ତ ପ୍ରକଳ୍ପ ପାଇଁ କେନ୍ଦ୍ର ରେଳମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ଅନୁରୋଧ କରିଥିଲେ। ଏଥିପାଇଁ ଉଭୟ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିବା ଏକ ପ୍ରେସ୍ ବିବୃତିରେ ପ୍ରକାଶ କରିଛନ୍ତି। ଏହି ଅବସରରେ ଷ୍ଟେଶନମାଷ୍ଟର ବିକାଶ ରଞ୍ଜନ ବେହେରା, ଆରପିଏଫ୍ ଜେନ ମହାପାତ୍ର, ପର୍ଶୁରାମ ବେହେରା, ଗୌରାଙ୍ଗ ଦାସ, ଅନନ୍ତ ନାୟକ, ଧିରଜ ମହାନ୍ତି, ମଣ୍ଟୁ ପେରିୱାଲ, କୈଶିକ ଚାନ୍ଦ, ଅନୀଲ ପାତ୍ର, ହୃଦାନନ୍ଦ ନାୟକ, ବାଟା ମାଝୀ, ଯୋଗେନ ରଣା, ଶକ୍ତି ପାଣିଗ୍ରାହୀ, ଜିତୁ ଷଡଙ୍ଗୀ, ଶର୍ମିଷ୍ଠା ଦଳେଇଙ୍କ ସମେତ ଅନେକ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ।


ଷ୍ଟେଶନରେ ବିଧାୟକ ମଦନମୋହନ ଦତ୍ତ ଓ ଅନ୍ୟମାନେ।

# ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ବିଦାୟୀ ସମ୍ବର୍ଦ୍ଧନା

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୁବାଷ ନିଆଲଙ୍କୁ ଜିଲା ଖବରଦାତା ପ୍ରକୋଷ୍ଠରେ ଶୁକ୍ରବାର ଅପରାହ୍ନରେ ବିଦାୟକାଳୀନ ସମ୍ବର୍ଦ୍ଧନା ପୂର୍ବକ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଇଛି। ସଭାକୁ ବରିଷ୍ଠ ଖବରଦାତା ଦେବବ୍ରତ ପାଣିଗ୍ରାହୀ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ, ସମାଜସେବୀ ନରେନ୍ଦ୍ର ବିହାରୀ ଦାସ, ବରିଷ୍ଠ ଖବରଦାତା ବିପ୍ଳବ ମହାନ୍ତି, ରବି ରାଉତ, ଉଜ୍ଜ୍ୱଳ କର ମଞ୍ଚାସୀନ ରହି ଦୀର୍ଘ ୨ବର୍ଷ ଧରି ଜିଲାରେ ଖବରଦାତା ଏବଂ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଏକ ଦୃଢ଼ ସେତୁ ଭାବରେ କାର୍ଯ୍ୟ କରିଆସୁଥିବା ନିଆଲଙ୍କୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ନିଆଲ ସନ୍ତୋଷ ପ୍ରକାଶ କରିବା ସହ ବାଲେଶ୍ୱରର ପ୍ରଶାସନଠାରୁ ଖବରଦାତା ପର୍ଯ୍ୟନ୍ତ ସମସ୍ତଙ୍କ ସହଯୋଗପୂର୍ଣ୍ଣ ମନୋଭାବ ତାଙ୍କର ସବୁବେଳେ ମନେରହିବ। ଚାକିରି କାଳ ମଧ୍ୟରେ ବିଭିନ୍ନ ସ୍ଥାନର ଅନୁଭୂତି ସମ୍ପର୍କରେ ଆଲୋକପାତ କରିବା ସହ ବାଲେଶ୍ୱର ସହ ତାଙ୍କର ସମ୍ପର୍କ ଜୀବନତମାମ ମନେ ରହିବ ବୋଲି କହିଥିଲେ। ଖବରଦାତା ବ୍ରହ୍ମନାଥ ରଥ, ଉବାଚକ ମହାନ୍ତି, ଅଭୟ ଦାସ, ଶ୍ରଦ୍ଧାଞ୍ଜଳି ରାୟ, ରଣଜିତ ପାକଳ, ସେକ୍ ରିଜୁଆନ, ରବିରଞ୍ଜନ ଦାସ, ପ୍ରଭାତ ଶର୍ମା, ଇନାଏତ ଅଲ୍ଲି ଖାଁ, ମଲ୍ଲିକ ରିଜ୍ୱାନ, ମୋହିନ ଚାନ୍ଦ, ଅଧୀପ ଜେନା, ପ୍ରଦୀପ ପଲେଇ, ପଣ୍ଡିତ ସତ୍ୟବ୍ରତ ମିଶ୍ର ପ୍ରମୁଖ ଯୋଗଦେଇ ନିଆଲଙ୍କ ବ୍ୟକ୍ତିତ୍ୱ ଉପରେ ଆଲୋଚନା କରିବା ସହ ଉତ୍ତରୋତ୍ତର କାମନା କରିଥିଲେ।


ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରାଯାଉଛି।

## ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅକ୍ସିଜେନସିଲିଣ୍ଡର ପ୍ରଦାନ

**ଜଳେଶ୍ୱର, ୩୧।୧(ଡି.ଏନ.ଏ.)**

ଜଳେଶ୍ୱର ଯୁବମଞ୍ଚ ତରଫରୁ ଏକ ଅକ୍ସିଜେନ ସିଲିଣ୍ଡର ଜଳେଶ୍ୱର ପୌରାଞ୍ଚଳର ବଡ଼ବଜାରଠାରେ ଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ତଥା ଜଳେଶ୍ୱର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ ପ୍ରଦାନ କରାଯାଇଛି। ଏହି ଅକ୍ସିଜେନ ସିଲିଣ୍ଡରକୁ ସ୍ୱର୍ଗତ ନରୋତ୍ତମ ଦାସ ଠକ୍କରଙ୍କ ସ୍ମୃତିରେ ଜଳେଶ୍ୱର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡା. ପ୍ରଭାସ ଚନ୍ଦ୍ର ନାୟକଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. ନାୟକ, ଡା. ମୋହନଲାଲ ମହାନ୍ତି, ଫାର୍ମାସିଷ୍ଟ ସଚିନ୍ଦ୍ର ନାଥ ପାଢ଼ୀ, ପୂର୍ବତନ କାଉନସିଲର ଅର୍ଚ୍ଚନା ଗିରି ପ୍ରମୁଖ ଯୋଗଦେଇଥିଲେ। ଯୁବମଞ୍ଚ ତରଫରୁ ସଭାପତି ସେକ ସୈଫୁଦ୍ଦିନ, ସମ୍ପାଦକ ବିନୋଦ ସାହୁ, ରାଜେଶ କୁମାର ଠକ୍କର, ମୋଲଚାନ୍ଦ ଲାଡ଼ା, ପ୍ରଶାନ୍ତ ପ୍ରଧାନ, ପ୍ରକାଶ ଠକ୍କର, ଆଦିତ୍ୟ ନାରାୟଣ ପାତ୍ର, ଦୀପୁ ସାମନ୍ତ, ଭୋଳାନାଥ ଜେନା, ଯୋଗେଶ ରାଠୀ, ରାକେଶ ଅଗ୍ରୱାଲା, ସନ୍ତୋଷ ସାହୁ, ରାମନାରାୟଣ ଦାସ, ମୃତ୍ୟୁଞ୍ଜୟ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

## ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା

**ବାହାନଗା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅବସରରେ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହାକୁ ଉଦ୍‌ଘାଟନ କରିଥିଲେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ନରେଶ କୁମାର ପାଢୀ। ଏହି କାର୍ଯ୍ୟକ୍ରମରେ ଜିଲାର ୯ ଟି ମହାବିଦ୍ୟାଳୟର ୩୪ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ବିଚାରକ ଭାବେ ସଂଗୀତକାର ଅମୃତାଂଶୁ ପଟ୍ଟନାୟକ, ଉଜ୍ଜ୍ୱଳ ଚାନ୍ଦ, ସତ୍ୟାନନ୍ଦ ପଣ୍ଡା, ଶୁଭଲକ୍ଷ୍ମୀ ଦାଶ, ରମେଶ ଚନ୍ଦ୍ର ମିଶ୍ର, ଲୋକନାଥ ମଲିକ୍, କଲୋଳ ଦାସ ପ୍ରମୁଖ ଯୋଗଦେଇଥିଲେ। ସଂଗୀତରେ ରସାଳପୁରସ୍ଥିତ ଡ. ଯଦୁନାଥ ମହାବିଦ୍ୟାଳୟର ଛାତ୍ର ଶିବସାଗର ବାରିକ୍ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ନୀଳଗିରି ମହାବିଦ୍ୟାଳୟର ଛାତ୍ର ଜ୍ୟୋତିଶ୍ରୀ ବେହେରା ଦ୍ୱିତୀୟ ଓ ଜଳେଶ୍ୱର ସ୍ଥିତ ଦୀନକୃଷ୍ଣ ମହାବିଦ୍ୟାଳୟ ଛାତ୍ର ସତ୍ୟଜିତ୍ ରାଜ ତୃତୀୟ ସ୍ଥାନ ହାସଲ କରିଥିଲେ। ନୃତ୍ୟ ପ୍ରତିଯୋଗୀତାରେ ଡ. ଯଦୁନାଥ ମହାବିଦ୍ୟାଳୟର ଛାତ୍ରୀ ସ୍ୱାତୀ ନନ୍ଦା ଜେନା ପ୍ରଥମ, ଖନ୍ତାପଡାସ୍ଥିତ ଯୁକ୍ତ ଦୁଇ ମହିଳା ମହାବିଦ୍ୟାଳୟର ଛାତ୍ରୀ ନିହାରିକା ପାଣିଗ୍ରାହୀ ଦ୍ୱିତୀୟ, ଚିନ୍ତାମଣୀ ଯେନା ମହିଳା ଯୁକ୍ତ ଦୁଇ ବିଦ୍ୟାଳୟର ଛାତ୍ରୀ ମଧୁସ୍ମିତା ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଏକକ ଅଭିନୟ ଓ ଚିତ୍ରକଳା ଆଦି ସାଂସ୍କୃତିକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।



ଖବରଦାତା ସମ୍ମିଳନୀରେ ୟୁନିଅନର କର୍ମକର୍ତ୍ତା।



ବ୍ୟାଙ୍କ ସମ୍ମୁଖରେ ଧର୍ମଘଟ।

# ୩୦ଲକ୍ଷ ହିତାଧିକାରୀ ସେବାରୁ ବଞ୍ଚିତ

**ବାଲେଶ୍ୱରରେ ବ୍ୟାଙ୍କ ଧର୍ମଘଟ**

**ବାଲେଶ୍ୱର ଅଫିସ, ୩୧।୧**

ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ୍‌ସ (ୟୁଏଫ୍‌ବିୟୁ) ପକ୍ଷରୁ ଡାକରା ଦିଆଯାଇଥିବା ସର୍ବଭାରତୀୟ ସ୍ତରର ଦୁଇଦିନିଆ ବ୍ୟାଙ୍କ ବନ୍ଦର ପ୍ରଭାବ ବାଲେଶ୍ୱର ଜିଲାରେ ପଡିଛି। ଫଳରେ ବାଲେଶ୍ୱର ଓ ଭଦ୍ରକ ଜିଲାର ୩୦ଲକ୍ଷ ହିତାଧିକାରୀ ବ୍ୟାଙ୍କସେବାରୁ ବଞ୍ଚିତ ହୋଇଛନ୍ତି। ବ୍ୟାଙ୍କ କର୍ମଚାରୀ ୟୁଏଫ୍‌ବିୟୁ ମାଧ୍ୟମରେ ୧୨ ଦଫା ଦାବି ପୂରଣ ପାଇଁ ଦୁଇଦିନିଆ ଧର୍ମଘଟ ପାଳନ କରିବା ଅବସରରେ ଶୁକ୍ରବାର ଜିଲା ମୁଖ୍ୟ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ।

ଆବାହକ ପରମାନନ୍ଦ ଦେଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା। ବ୍ୟାଙ୍କିଙ୍ଗ୍ ଶିଳ୍ପର ୧୦ଲକ୍ଷ କୋଟି ଟଙ୍କା ଋଣ ପଡ଼ି ଥିବାବେଳେ ସେଥିମଧ୍ୟରୁ ସାଢ଼େ ୮ ଲକ୍ଷ କୋଟି ଟଙ୍କା ବଡ଼ ବଡ଼ କର୍ପୋରେଟରମାନଙ୍କ ଉପରେ ରହିଛି। ଯେଉଁମାନଙ୍କର ଦେବାର କ୍ଷମତା ରହିଛି, ସେମାନେ ରାଜନୈତିକ ଦଳର ପ୍ରୋତ୍ସାହନରେ ବ୍ୟାଙ୍କର ଋଣ ପରିଶୋଧ ନ କରିବା ଦୁଃଖର କାରଣ ପାଲଟିଥିବା ଅଭିଯୋଗ ଆଣିଛନ୍ତି। ଆଗାମୀ ଦିନରେ ସରକାର ଉପଯୁକ୍ତ ସମାଧାନ ପନ୍ଥା କାର୍ଯ୍ୟକାରୀ ନ କଲେ ଧର୍ମଘଟକୁ ଅଧିକ ବ୍ୟାପକ କରିବା ସହ ବ୍ୟାଙ୍କିଙ୍ଗ୍ ଶିଳ୍ପକୁ ସମ୍ପୂର୍ଣ୍ଣ ଅଚଳ କରାଇ ଦିଆଯିବାକୁ ଧମକ ସହ ଦାବି ପୂରଣ ନ ହେଲେ ମାର୍ଚ୍ଚ ୧୧, ୧୨ ଓ ୧୩ ତିନିଦିନିଆ ବ୍ୟାଙ୍କ ବନ୍ଦ ରହିବା ସହ ପରବର୍ତ୍ତୀ ଅପ୍ରେଲ ପ୍ରଥମରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବ୍ୟାଙ୍କିଙ୍ଗ୍ ସେବାକୁ ଅଚଳ କରିଦିଆଯିବ ବୋଲି ବ୍ୟାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅଧିକାରୀ ସୁକାନ୍ତ ପତି, ପ୍ରଦୀପ କୁମାର ବେହେରା, ଚିତ୍ତରଞ୍ଜନ ପଣ୍ଡା, ରାଜେଶ କୁମାର ବେହେରା, ମାନସ କୁମାର ମହାପାତ୍ର, ପ୍ରଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ଏଡିଏମ ସ୍କୁଲର ବାର୍ଷିକ ଉତ୍ସବ

**ଖଇରା, ୩୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରାସ୍ଥିତ ଏଡିଏମ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଛି। ପରିଚାଳନା ନିର୍ଦ୍ଦେଶକ ଶଶାଙ୍କ ଶେଖର ପାଢୀଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ଧରଣୀଧର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଜ୍ଞାନ ମାନସମ୍ମାନ କି ରୂପ ଦ୍ୱାରା ମଣିଷ ଅମରତ୍ୱ ଲାଭ କରିପାରେ ନାହିଁ। କର୍ମଦ୍ୱାରା ମଣିଷ ଅମରତ୍ୱ ଲାଭ କରିଥାଏ ବୋଲି ବକ୍ତବ୍ୟରେ ଉଲ୍ଲେଖ କରିଥିଲେ। ସିଆରସିସି ଲକ୍ଷ୍ମଣ କୁମାର ସେନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସୁଦର୍ଶନ ରାଉତ, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ତ୍ରିଦେବ ସୁନ୍ଦର ବରାଳ, ପରିବେଶବିତ୍ ବିଜୟ କୁମାର ଜେନା ସମ୍ମାନନୀୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢୀ ଓ ଉପାଧ୍ୟକ୍ଷ ବନମାଳି ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଚଳିତ ବର୍ଷର ଚାମ୍ପିୟନ ହୋଇଥିବା ବୈଷ୍ଣବୀ ଲେଙ୍କା ଓ ଅରମାନ ନାୟକଙ୍କୁ ସମ୍ମାନିତ କରାଯାଇଥିଲା।

## ନ୍ୟାୟ ନ ମିଳିଲେ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଚେତାବନୀ

**ବାଲିଆପାଳ, ୩୧।୧(ସ୍ୱ.ପ୍ର)**

ବାଲିଆପାଳ ଗ୍ରାମର ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବତୀ ତବସୁମୁ ସାଦିକୁମ୍‌ଙ୍କ ପ୍ରତି ବାଲିଆପାଳ ଥାନାର ଏସ୍‌ଆଇ ଦୁର୍ବ୍ୟବହାର କରିବା ସହ ତାଙ୍କ ପରିବାର ସଦସ୍ୟଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏ ଦିଗରେ ନ୍ୟାୟ ନ ମିଳିଲେ ତବସୁମୁ ସାଦିକୁମ ଆସନ୍ତା ୬ତାରିଖରେ ବାଲେଶ୍ୱର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶୁକ୍ରବାର ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ବାଲିଆପାଳ ଗ୍ରାମର ସାୟଦ ସଦିକ ହୁସେନଙ୍କ ଗୁନାପୁର ମୌଜାରେ ଥିବା ଏକ ଜାଗାକୁ ବିକିବା ନେଇ ଦୀର୍ଘଦିନ ହେଲା କୋର୍ଟରେ ମାମଲା ଥିଲା। କୋର୍ଟ ସେହି ଜାଗାରେ ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଦେଇଛନ୍ତି। ସେହି ଜାଗାରେ ବାଲିଆପାଳ ସରପଞ୍ଚଙ୍କ ପୁଅ ନୂତନ ପେଟ୍ରୋଲ ପମ୍ପ ବସାଇବା ପାଇଁ କାର୍ଯ୍ୟ କରୁଛନ୍ତି। ଏହାକୁ ବନ୍ଦ କରିବା ପାଇଁ ତବସୁମୁ ସାଦିକୁମ୍ ଏବଂ ତାର ବାପା ପୋଲିସକୁ କୋର୍ଟର ଆଦେଶ ସମ୍ପର୍କରେ ଅବଗତ କରାଇଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ନ ନେବାରୁ ସାୟଦ ସାଦିକ ହୁସେନଙ୍କ ଝିଅ ତବସୁମୁ ଏବଂ ତାଙ୍କ ଭାଇ ଗତ ୨୨ତାରିଖରେ ସେହି ଜାଗାକୁ ଯାଇ ଚାଲିଥିବା ନିର୍ମାଣ କାର୍ଯ୍ୟର ଫଟୋ ଉଠାଉଥିବାବେଳେ ବାଲିଆପାଳ ଥାନାର ଏସ୍‌ଆଇ ପହଞ୍ଚି ସେମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ମୋବାଇଲ ଛଡ଼ାଇବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ତବସୁମୁ ଏସ୍‌ଆଇଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେବା ପରିବର୍ତ୍ତେ ଗତ ୨୩ତାରଖରେ ତାଙ୍କ ବାପା, ମା' ଓ ଅନ୍ୟ ସଦସ୍ୟଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରାଯାଇଛି। ଏନେଇ ସେ ଗତ ୨୪ତାରିଖରେ ଥାନା ସମ୍ମୁଖରେ ଧାରଣା ଦେଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଧମକଚମକ ଦେବା ସହିତ ବାପା ଓ ମା'ଙ୍କୁ ଥାନାକୁ ଆଣି ଧାରଣା ପ୍ରତ୍ୟାହାର କରିବାକୁ ବାଧ୍ୟ କରି ସାଦା କାଗଜରେ ଦସ୍ତଖତ କରିନେଇଥିଲେ। ଏ ସମ୍ପର୍କରେ ସେ ଜିଲାପାଳ, ଜିଲା ଆରକ୍ଷୀ ଅଧୀକ୍ଷକ, ମୋ ସରକାର ଏବଂ ୫ ଟି ସହାୟତା କେନ୍ଦ୍ରଙ୍କୁ ଜଣାଇ ନିରାଶ ହୋଇଥିବା ପ୍ରକାଶ କରିଛନ୍ତି।

# ସ୍ୱଚ୍ଛତା ପକୱାଡ଼ା ଉଦ୍‌ଯାପିତ

**ବାଲେଶ୍ୱର ଅଫିସ, ୩୧।୧:** ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ସ୍ୱଚ୍ଛତା ପକୱାଡ଼ା-୨୦୨୦ ଉଦ୍‌ଯାପିତ ହୋଇଯାଇଛି। ଶୁକ୍ରବାର ଶେଷ ଦିନରେ ଇଂରାଜୀ ଓ ଓଡ଼ିଆରେ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଇଂରାଜୀ ବକ୍ତୃତା ପ୍ରତିଯୋଗିତା ଶୀର୍ଷକ 'ଫରେଷ୍ଟ କନ୍‌ଜରଭେସନ୍ ଇଜ୍ ଦ ଫ୍ୟୁଚର୍ ଅଫ୍ ସିଭିଜେସନ୍'ରେ ବହୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଆ ବକ୍ତୃତା ଶୀର୍ଷକ 'ଜଳ ହିଁ ଜୀବନ'ରେ ପ୍ରତିଯୋଗୀମାନେ ଭାଗ ନେଇଥିଲେ। ଡ. ଦେବଦତ୍ତ ଦାସ ଓ ଡ. ସିପ୍ରା ସାଗରିକା ଏହାକୁ ପରିଚାଳନା କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ଡ. ସଚ୍ଚିଦାନନ୍ଦ ଦେହୁରୀଙ୍କ ଅଧ୍ୟକ୍ଷତାରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପରିବେଶ ବିଜ୍ଞାନର ଜଣେ ଗବେଷକ ବିଭୂତି ରଞ୍ଜନ ପାଣିଗ୍ରାହୀ ସ୍ୱଚ୍ଛତା ଉପରେ ନିଜର ଗବେଷଣାତ୍ମକ ନିବନ୍ଧର ସାରାଂଶର ପିପିଟି ପ୍ରଦର୍ଶନ କରିଥିଲେ।



ଉତ୍ସବରେ ଉପସ୍ଥିତ ଅଧ୍ୟାପିକା ଅଧ୍ୟାପକ, ଛାତ୍ରୀଛାତ୍ର।

# ରାଜ୍ୟକୁ ମଦମୁକ୍ତ ଦାବିରେ ବିକ୍ଷୋଭ

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର**

**ବାଲେଶ୍ୱର ଅଫିସ, ୩୧।୧**

ବାଲେଶ୍ୱର ଉତ୍କଳ ମହିଳା ସମିତି ପକ୍ଷରୁ ରାଜ୍ୟକୁ ମଦ ମୁକ୍ତ କରିବା ପାଇଁ ଶୁକ୍ରବାର ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳ ସମ୍ବିତ କୁମାର ନାୟକଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି।

ଉତ୍କଳ ମହିଳା ସମିତିର ଜିଲା ସଭାନେତ୍ରୀ ବନ୍ଦନା ବିଶ୍ୱାସଙ୍କ ନେତୃତ୍ୱରେ ଶତାଧିକ ମହିଳା ବାଲେଶ୍ୱର ରେଳଷ୍ଟେଶନରୁ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ରାଜ୍ୟର ବରିଷ୍ଠ ନାରୀନେତ୍ରୀ ବନଲତା ଜେନା, ରାଜ୍ୟ ସମ୍ପାଦିକା ପ୍ରଭାବତୀ ଦାସ, 'ମୋନା'ର ଜିଲା ସାଧାରଣ ସମ୍ପାଦିକା ମମତା ମହାପାତ୍ର, ସିପିଆଇ ଜିଲା ସହସମ୍ପାଦକ ଭାଗବତ ପ୍ରତିହାରୀ ଓ ଶ୍ରମିକନେତା ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଓଡ଼ିଶାକୁ ମଦମୁକ୍ତ ଦାବି କରି ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟ ସରକାର ଅଧିକ ରାଜସ୍ୱ ଲୋଭରେ ଗାଁଗଣ୍ଡାରୁ ସହରର ଗଳିକନ୍ଦିରେ ମଦଦୋକାନ ଖୋଲୁଥିବା ଅଭିଯୋଗ ଆଣିଥିଲେ। ୧୯୫୬ ମସିହାରେ ଆମ ରାଜ୍ୟରେ ପ୍ରଣୀତ ନିଶାମୁକ୍ତ ଓଡ଼ିଶା ଆଇନକୁ ତୁରନ୍ତ କାର୍ଯ୍ୟକାରୀ କରି ରାଜ୍ୟକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ଦାବି କରିଥିଲେ। ଜିଲା ସମ୍ପାଦିକା ଅରୁଣା ବାରିକ, ସଦର ବ୍ଲକ ସଭାପତି ସୁହାଗୀ ମାଝି, ଲକ୍ଷ୍ମୀ ଟୁଡୁ, ଯମୁନା ମାଝି, ଉର୍ମିଳା ଜେନା, ସବିତା ଅଗସ୍ତି, ପ୍ରଭାତୀ ରାଉତ, କମଳା ବେହେରା, ଉଷାରାଣୀ ଜେନା, କଳ୍ପନା ପାତ୍ର, କୌଶଲ୍ୟା ମଲ୍ଲିକ, ଭାରତୀ ପ୍ରଧାନ, ଯତୀନ ପାତ୍ର, ଦେବେନ୍ଦ୍ର ଜେନା, ବେଣୁଧର ବାରିକ ଓ କୈଳାଶ ପଣ୍ଡା ପ୍ରମୁଖ ଶୋଭାଯାତ୍ରାରେ ସହଯୋଗ କରିଥିଲେ।



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ସଂକ୍ଷେପରେ

### ବିନା ଉଦ୍‌ଘାଟନରେ ଆରମ୍ଭ ହେଲା ପାଠପଢ଼ା

ଧାମନଗର,୩୧।୧(ଡି.ଏନ.ଏ.)- ଭଦ୍ରକ ଜିଲା ଧାମନଗର ବ୍ଲକରେ ନବନିର୍ମିତ ଆଦର୍ଶ ବିଦ୍ୟାଳୟରେ ବିନା ଉଦ୍‌ଘାଟନରେ ଶୁକ୍ରବାର ପାଠପଢ଼ା ଆରମ୍ଭ ହୋଇଛି। ସୂଚନା ଅନୁଯାୟୀ, ସ୍କୁଲର ପାଚେରି ଏବଂ ଗୃହ ନିର୍ମାଣ ପୂର୍ବରୁ ଧାମନଗର ସରକାରୀ ଉଚ୍ଚ ବିଦ୍ୟାଳୟରେ ପାଠପଢ଼ା ଚାଲିଥିଲା। ଗୃହ ନିର୍ମାଣ ସମ୍ପୂର୍ଣ୍ଣ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଉଦ୍‌ଘାଟନ ପାଇଁ ଅତିଥିମାନଙ୍କ ନାମ ଛପାଯାଇ ନିମନ୍ତ୍ରଣ କାର୍ଡ ବଣ୍ଟାଯାଇଥିଲା। ଉତ୍ସବ ପାଇଁ ସମସ୍ତ ବ୍ୟବସ୍ଥା ହୋଇଥିଲା। ଗୁରୁବାର ରାତିରେ ଉଦ୍‌ଘାଟନ ଫଳକ ଲଗାଯିବା ପରେ ସେଥିରେ ଅତିଥିଙ୍କ ନାମ ଲେଖାକୁ ନେଇ ବିବାଦ ଦେଖାଦେଇଥିଲା। କେତେଜଣ ଦୁର୍ବୃତ୍ତ ରାତିରେ ଉକ୍ତ ଫଳକକୁ ଭାଙ୍ଗି ଦେଇଛନ୍ତି। ସ୍ଥାନୀୟ ଲୋକେ ଉପସ୍ଥିତ ଥିବା ଜିଲା ଶିକ୍ଷାଧିକାରୀଙ୍କୁ ଘେରି ଫଳକରେ ନାମ ଲେଖାକୁ ନେଇ ପ୍ରଶ୍ନ କରିଥିଲେ। ଏହାକୁ ନେଇ ଧାମନଗରରେ ଉତ୍ତେଜନା ପ୍ରକାଶ ପାଇଛି। ଫଳରେ ପ୍ରଶାସନ ପକ୍ଷରୁ ଉଦ୍‌ଘାଟନ ଉତ୍ସବକୁ ବାତିଲ କରିଦିଆଯାଇଛି। କେବଳ କଳସ ପୂଜା କରାଯାଇ ଛାତ୍ରୀଛାତ୍ରଙ୍କ ପାଠପଢ଼ା ଆରମ୍ଭ ହୋଇଛି।

### ତାରିଣୀ ପୀଠରେ ବାର୍ଷିକ ଉତ୍ସବ

ଭଦ୍ରକ ଅଫିସ,୩୧।୧-ସ୍ଥାନୀୟ ଗବସାହିସ୍ଥିତ ମା' ତାରିଣୀ ପୀଠରେ ପ୍ରଥମ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏହି ଉପଲକ୍ଷେ ପ୍ରଭାତରେ ଘଟ ଉତ୍ତୋଳନ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ଶୋଭାଯାତ୍ରାରେ ୫ ଶହ ମହିଳା ସାମିଲ ହୋଇଥିଲେ। ସମସ୍ତ କଳସ ପୀଠରେ ପହଞ୍ଚିବା ପରେ ମଣ୍ଡପରେ ସ୍ଥାପନ କରାଯାଇଥିଲା। ପୂର୍ବାହ୍ନ ୧୧ଟାରେ ଚଣ୍ଡୀପାଠ, ଷୋଡ଼ଶ ଉପଚାର ପୂଜା ହୋଇ ଅପରାହ୍ନ ୪ଟାରେ ପୂର୍ଣ୍ଣାହୁତି ଦିଆଯାଇଥିଲା। ଚଳିତବର୍ଷ ଯଜ୍ଞରେ କର୍ତ୍ତା ଭାବେ ଜ୍ଞାନପ୍ରକାଶ ପାଣି, ଯୁଥିକା ପାଣି, ସରୋଜ ରାଉଳ ଓ ସୁଭଦ୍ରା ରାଉଳ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟା ୬ଟାରେ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଥିଲା। କଣ୍ଠଶିଳ୍ପୀ ସୌରଭ ନାୟକ ଓ ତାଙ୍କ ଦଳ ଭଜନ ପରିବେଷଣ କରିଥିଲେ। ଜଗବନ୍ଧୁ ପାଣି, ନରେନ୍ଦ୍ର ଦାସ, ଅନୁପ ସାହୁ, ରାଜେଶ ଦାସ, ଗୋପଳକୃଷ୍ଣ ଦାସ, ମୁକ୍ତିକାନ୍ତ ମଲ୍ଲିକ, ବାବୁଲ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ

ଭଦ୍ରକ ଅଫିସ, ୩୧।୧- ସ୍ଥାନୀୟ ଗବସାହି ଗାୟତ୍ରୀ ପ୍ରଜ୍ଞାପୀଠରେ ସାମ୍ବତ୍ସରିକ ପ୍ରତିଷ୍ଠା ଉତ୍ସବ ପାଳିତ ହୋଇଛି। ଏହି ଅବସରରେ ଅନୁଷ୍ଠିତ ପଞ୍ଚକୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ପାଇଁ ୧୦୮ କଳସ ଶୋଭାଯାତ୍ରା କରାଯାଇଥିଲା। ଶତାଧିକ ଗାୟତ୍ରୀ ମହିଳା ପରିଜନ, ଶ୍ରଦ୍ଧାଳୁ ପୁରୁଷ ଶୋଭାଯାତ୍ରାରେ ବାହାରିଥିଲେ। ସେମାନେ ଗବସାହି, ସାହାପୁର ପରିକ୍ରମା କରି ମୋଟେଲ ଛକ ଦେଇ ୧୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ସର୍ଭିସ ରୋଡ୍‌ରେ ଯାଇ ସାହାପୁର ନିକଟସ୍ଥ ସାଳନ୍ଦୀରେ କଳସ ପୂଜା କରି ଜଳ ଆଣି ଦୁର୍ଗାମଣ୍ଡପ ଯଜ୍ଞପୀଠକୁ ଯାଇଥିଲେ। ସନ୍ଧ୍ୟାରେ ଯୁଗ ସଙ୍ଗୀତ ଓ ପ୍ରବଚନ କାର୍ଯ୍ୟକ୍ରମ ହୋଇଥିଲା। ଗାୟତ୍ରୀ ପରିବାର ମୁଖ୍ୟ ପ୍ରଦୀପ ନାୟକ ଧର୍ମଧ୍ୱଜା ଉତ୍ତୋଳନ ପୂର୍ବକ ପ୍ରଦୀପ ପ୍ରଜ୍ୱଳନ କରି କଳସ ଯାତ୍ରାର ଶୁଭାରମ୍ଭ କରିଥିଲେ। ପ୍ରଦୀପ କୁମାର ନାୟକ, କରୁଣାକର ସାମଲ, ବସନ୍ତ ମହାନ୍ତି, ଗୋକୁଳାନନ୍ଦ ରାଉତ, ସୁଶାନ୍ତ କୁମାର ପଣ୍ଡା, କୌଶଲ୍ୟା ପ୍ରଧାନ, ପଦ୍ମାବତୀ ସାମଲ, ରବିନାରାୟଣ ମକର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ

ଭଦ୍ରକ ଅଫିସ,୩୧।୧- ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ କରାଯାଇଥିଲା। ସକାଳେ ଜିଲାପାଳ ଜ୍ଞାନରଞ୍ଜନ ଦାସ ଐତିହାସିକ ଗାନ୍ଧୀପଡ଼ିଆରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେହିପରି ମହତାବ କୋଠିସ୍ଥିତ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ଅର୍ପଣ କରିଥିଲେ ଉପଜିଲାପାଳ ପୀତାମ୍ବର ସାମଲ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା, ଜିଲାସ୍କୁଲ ପ୍ରଧାନଶିକ୍ଷକ ଜଗବନ୍ଧୁ ସାହୁ, ଶିକ୍ଷକ ଅଶୋକ ଶତପଥୀ, ରୋଟାରିଆନ ଅତିଶ୍ ବେହେରା ପ୍ରମୁଖ ଜିଲା ସ୍କୁଲ ପରିସରରେ ଥିବା ଗାନ୍ଧିଜୀ ଓ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଜିଲାସ୍କୁଲର ଛାତ୍ରୀଛାତ୍ର ମଧ ମହାତ୍ମା ଗାନ୍ଧୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ସହାୟତା ଅପେକ୍ଷାରେ ସଞ୍ଜୀୟ

ପଦ୍ମପୁର,୩୧।୧(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଗୋପବନ୍ଧୁନଗର ପଞ୍ଚାୟତ ଅଧୀନ ଗଦି ଗ୍ରାମର ସଞ୍ଜୟ ବଳ(୩୪)। ଘରେ ବାପା, ମା', ସ୍ତ୍ରୀ ଓ ଦୁଇ ଝିଅପୁଅଙ୍କୁ ନେଇ ତାଙ୍କର ସଂସାର। କେରଳରେ ଏକ ବେସରକାରୀ କମ୍ପାନୀରେ ଚାକିରି କରି ପରିବାର ଚଳାଉଥିଲେ। ହେଲେ ଭାଗ୍ୟର ବିଡ଼ମ୍ବନା ଘଟିଲା। ପ୍ରାୟ ବର୍ଷେ ହେବ ସେ ମଳଦ୍ୱାର କ୍ୟାନ୍‌ସରରେ ପୀଡ଼ିତ। କିନ୍ତୁ ଅର୍ଥାଭାବ ତାଙ୍କ ଚିକିତ୍ସାରେ ବାଧକ ସାଜିଛି। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ ମଧ କୌଣସି ସହାୟତା ମିଳୁ ନାହିଁ ବୋଲି ସଞ୍ଜୟଙ୍କ ପରିବାର ଲୋକ ପ୍ରକାଶ କରିଛନ୍ତି।

ପରିବାର ଲୋକଙ୍କ କହିବା ଅନୁଯାୟୀ, ସଞ୍ଜୟ କେରଳରେ ଚାକିରି କରୁଥିବାବେଳେ ବାରମ୍ବାର ମଳଦ୍ୱାରରେ ଯନ୍ତ୍ରଣା ହେବାରୁ ଗତ ମାର୍ଚ୍ଚ ୧୯ରେ ସେ ଘରକୁ ଚାଲି ଆସିଥିଲେ। ପ୍ରଥମେ ଭଦ୍ରକ ଓ ପରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଇବା ପରେ ବି କିଛି ସୁଫଳ ମିଳିଲାନି। ଶେଷରେ କଟକର ଆଚାର୍ଯ୍ୟ ହରିହର



ବାପା ଓ ସ୍ତ୍ରୀଙ୍କ ସହ ସଞ୍ଜୟ।

ଚିକିତ୍ସାକେନ୍ଦ୍ରରେ ଚିକିତ୍ସା ପାଇଁ ତାଙ୍କୁ ଭର୍ତ୍ତି କରାଯାଇଥିଲା। ସେଠାରେ ବିଭିନ୍ନ ପରୀକ୍ଷା ପରେ ତାଙ୍କ ମଳଦ୍ୱାରରେ କ୍ୟାନ୍‌ସର ହୋଇଥିବା ଜଣାପଡ଼ିଥିଲା। ଅପରେଶନ ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ଥିବାରୁ ତାଙ୍କୁ ଘରକୁ ଫେରାଇ ଅଣାଯାଇଥିଲା। ଘରର ଜମିବାଡ଼ି ନ ଥିବାରୁ କୌଣସି ପରିସ୍ଥିତିରେ ଚିକିତ୍ସା ପାଇଁ ଅର୍ଥ ଯୋଗାଡ଼ କରିପାରୁ ନାହାନ୍ତି। ଏବେ କେବଳ ସରକାରୀ ସହାୟତାକୁ ଅପେକ୍ଷା। ଜିଲା ରେଡ୍‌କ୍ରସକୁ ଆର୍ଥିକ ସହାୟତା ନିମନ୍ତେ ୩ ମାସ ତଳେ ଆବେଦନ କରିଥିଲେ। ଦୁଇଦିନ ପୂର୍ବେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ମାତ୍ର ୧୦ ହଜାର ଟଙ୍କା ସହାୟତା ମିଳିଥିବା ଜିଲା ପ୍ରଶାସନ ସୂଚନା ଦେଇଛି। ମାତ୍ର ଏହି ସହାୟତା ସମୁଦ୍ରକୁ ଶଙ୍ଖେ ସଦୃଶ ବୋଲି ସଞ୍ଜୟଙ୍କ ପରିବାର ଲୋକ କହିଛନ୍ତି। ଘରେ ସଞ୍ଜୟଙ୍କ ବୁଢ଼ାବାପା କେବଳ ଅସହାୟ ଅବସ୍ଥାରେ ପୁଅର ଔଷଧ କିଣିବା ପାଇଁ ଟଙ୍କା ଯୋଗାଡ଼ ଲାଗି ବାରଦୁଆର ବୁଲୁଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ତାଙ୍କ ପରିବାରକୁ ରାଶନକାର୍ଡ ଖଣ୍ଡେ ବି ମିଳିନାହିଁ। ୬ ପ୍ରାଣୀଙ୍କ ବୋଝ ସାଙ୍ଗକୁ ବୃଦ୍ଧାବସ୍ଥାରେ ତାଙ୍କୁ ସାହାରା ହେବାକୁ ଥିବା ପୁଅର ଚିକିତ୍ସା ଲାଗି ଅର୍ଥ ଅଭାବ ଦୁଶ୍ଚିନ୍ତାରେ ଦିନ କାଟୁଛନ୍ତି ସଞ୍ଜୟଙ୍କ ବାପା ରତ୍ନାକର। ଦୁରାରୋଗ୍ୟ କ୍ୟାନ୍‌ସର ପୀଡ଼ିତ ସଞ୍ଜୟ ଔଷଧ ବିନା ପ୍ରତିଦିନ ଅସହ୍ୟ ଯନ୍ତ୍ରଣା ଭୋଗୁଛନ୍ତି। ସରକାରଙ୍କ ତରଫରୁ ତାଙ୍କ ପରିବାରକୁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦିଆଗଲେ ସେ ପୁଅର ଚିକିତ୍ସା କରାଇପାରନ୍ତେ ବୋଲି ରତ୍ନାକର କହିଛନ୍ତି।

# ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ କଲେ ଏମ୍‌ପି



ଏମ୍‌ପି ମଞ୍ଜୁଲତା ମଣ୍ଡଳ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

ପଦ୍ମପୁର,୩୧।୧(ଡି.ଏନ.ଏ.)

ଭଦ୍ରକ ସଦର ବ୍ଲକ ସାବରଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଏବଂ ଅନ୍ୟତମ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଧାମନଗର ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ଜିଲାପରିଷଦ ସଭ୍ୟା ସୁକାନ୍ତି ନାୟକ, ସାବରଙ୍ଗ ସରପଞ୍ଚ ରଞ୍ଜିତା ମହାପାତ୍ର, ସମିତିସଭ୍ୟା ରଶ୍ମିତା ମଲ୍ଲିକ, ଗୋରାମାଟି ସରପଞ୍ଚ ଗଣେଶ ପ୍ରସାଦ ମଲ୍ଲିକ, ସମିତିସଭ୍ୟା ରଞ୍ଜିତା ମହାଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍‌ପି ୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ବିଦ୍ୟାଳୟର ଶ୍ରେଣୀଗୃହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହାପରେ ଏମ୍‌ପି ବାର୍ଷିକ ଉତ୍ସବରେ ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ରଞ୍ଜନ କୁମାର ଗିରି। ପରିଚାଳନା କମିଟି ସଭାପତି କୌଶଲ୍ୟା ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ।

# ମୃତ କୃଷକଙ୍କ ପରିବାରକୁ ବୀମା ସହାୟତା



ମୃତକଙ୍କ ପରିବାର ଲୋକଙ୍କୁ ବୀମାରାଶି ଚେକ୍ ପ୍ରଦାନ କରାଯାଉଛି।

ଚାନ୍ଦବାଲି, ୩୧।୧(ଡି.ଏନ.ଏ.)

ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦବାଲି ଶାଖା ପକ୍ଷରୁ ୪ ମୃତ କୃଷକଙ୍କ ପରିବାରକୁ ଦୁର୍ଘଟଣାଜନିତ ବୀମା ସହାୟତା ରାଶି ପ୍ରଦାନ କରାଯାଇଛି। ବ୍ୟାଙ୍କ ପରିସରରେ ଅନୁଷ୍ଠିତ ଉତ୍ସବରେ ଅଧକ୍ଷତା କରିଥିଲେ ଚାନ୍ଦବାଲି ବ୍ୟାଙ୍କ ଶାଖା ପରିଚାଳକ ଗୁରୁପ୍ରସାଦ ମିଶ୍ର। ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ-ବାଲେଶ୍ୱର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ରଘୁନାଥ ଲେଙ୍କା, ନିର୍ଦ୍ଦେଶକ ଲମ୍ବୋଦର ଦାସ, ଡେପୁଟି ମ୍ୟାନେଜର ଅଶ୍ୱିନୀ କୁମାର ନାୟକ ଓ ଏମ୍‌ପିଙ୍କ ପ୍ରତିନିଧି ଅଶୋକ ବଳ ପ୍ରମୁଖ ଯୋଗଦେଇ ଦୁର୍ଘଟଣାରେ ମୃତ ୪ଜଣ କୃଷକଙ୍କ ଉତ୍ତରାଧିକାରୀଙ୍କୁ ବୀମାରାଶିର ଚେକ୍ ପ୍ରଦାନ କରିଥିଲେ। ବ୍ଲକର ୧୯ଟି ସେବା ସମବାୟ ସମତିର ସମ୍ପାଦକ ଓ ବ୍ୟାଙ୍କ କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# କ୍ରୀଡ଼ା ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ଆରଡ଼ି,୩୧।୧(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ସୁନ୍ଦରପୁର ପଞ୍ଚାୟତ ଦଧିବାମନଜୀଉ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ରମାକାନ୍ତ ଦଳାଇଙ୍କୁ ଶୁକ୍ରବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ରାଉତ ଅଧକ୍ଷତା କରିଥିଲେ। ଓଷ୍ଟାର ରାଜ୍ୟସ୍ତରୀୟ କାର୍ଯ୍ୟକର୍ତ୍ତା ଅକ୍ଷୟ ହୋତା, ବ୍ଲକସ୍ତରୀୟ କାର୍ଯ୍ୟକର୍ତ୍ତା ହେମନ୍ତ ସୁତାର, ସୁନ୍ଦରପୁର ସରପଞ୍ଚ ଶ୍ରୀକାନ୍ତ ନାୟକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମହେନ୍ଦ୍ର ପଣ୍ଡା, କୁଶଭଦ୍ର ସେଠୀ, ପ୍ରାଣବନ୍ଧୁ ଓଝା, ପ୍ରଫୁଲ୍ଲ ପାତ୍ର ଓ ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ କୈଳାସ ଚନ୍ଦ୍ର ନାୟକ, ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଶ୍ରୀକାନ୍ତ ବେହେରା, ଅଶୋକ ବେହେରା, ପ୍ରଭାସ ଚନ୍ଦ୍ର ପଲାଇ, ପ୍ରମୋଦ କୁମାର ବଳ, ଶିକ୍ଷା କର୍ମଚାରୀ ଖଗେଶ୍ୱର ଓଝା, ଅଭୟ ଦାସ ଓ ପୀତବାସ ପଲାଇ ପ୍ରମୁଖ ବିଦାୟୀ କ୍ରୀଡ଼ା ଶିକ୍ଷକଙ୍କ ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ତିହିଡ଼ି ମହୋତ୍ସବ ଆରମ୍ଭ




ଉଦ୍‌ଘାଟନ ଉତ୍ସବରେ ଯୋଗ ଦେଇଥିବା ଅତିଥି।

ତିହିଡ଼ି,୩୧।୧(ଡି.ଏନ.ଏ.)

ତିହିଡ଼ି କାଳୀପଡ଼ିଆରେ ଗୁରୁବାର ରାତିରେ ଆରମ୍ଭ ହୋଇଛି ୩ୟ ତିହିଡ଼ି ମହୋତ୍ସବ। ଶ୍ୟାମା କ୍ଲବ ପକ୍ଷରୁ ଆୟୋଜିତ ଏହି ଉତ୍ସବକୁ ସଭାପତି ବିଶିଷ୍ଟ ଶିକ୍ଷାବିତ୍ ସନାତନ ବେହେରା ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟି ସଭାପତି ଶିକ୍ଷାବିତ୍ ସୋମନାଥ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବକୁ ଡ. ଲକ୍ଷ୍ମୀଧର ତ୍ରିପାଠୀ ସଞ୍ଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ସମ୍ମାନିତ ଅତିଥି ଭାବେ ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ତିହିଡ଼ି ବ୍ଲକ ଅଧକ୍ଷା ବିଦ୍ୟୁତଲତା ନାୟକ, ଜିଲାପରିଷଦ ସଭ୍ୟା ରୀତାଞ୍ଜଳି ପାତ୍ର ଓ ଭାଟପଡ଼ା ସରପଞ୍ଚ ସ୍ୱର୍ଣ୍ଣମୟୀ ଜେନା ଯୋଗ ଦେଇଥିଲେ। ସଂସ୍କୃତିକୁ ବଜାୟ ରଖିବାରେ ତିହିଡ଼ିର ଅଗ୍ରଣୀ ଭୂମିକା ରହିଛି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମହୋତ୍ସବ ସମ୍ପାଦକ ଚନ୍ଦ୍ରକାନ୍ତ ମହାନ୍ତି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ଅବସରରେ ବଲାଙ୍ଗୀର ଡ୍ୟାନ୍ସ ଗ୍ରୁପ ପକ୍ଷରୁ ଡାଲଖାଇ ନୃତ୍ୟ ଓ ବାଲେଶ୍ୱର ଡ୍ୟାନ୍ସ ଗ୍ରୁପ୍ ପକ୍ଷରୁ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାଛଡ଼ା ତିହିଡ଼ି ସଙ୍ଗୀତ ମହାବିଦ୍ୟାଳୟ ପକ୍ଷରୁ ଉଦ୍‌ଘାଟନୀ ସଙ୍ଗୀତ ଓ ଗୁଆମାଳ ଗଣେଶ ସଙ୍ଗୀତ ମହାବିଦ୍ୟାଳୟ ତରଫରୁ ନୃତ୍ୟ ପରିବେଷଣ ହୋଇଥିଲା। ସକାଳେ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ମା' ପାଟଣମଙ୍ଗଳା, ଦପାନାୟକାଣୀ, କୁମାରେଶ୍ୱର ଓ ବିରଞ୍ଚିନାରାୟଣ ପୀଠରୁ ମଶାଲ ଶୋଭାଯାତ୍ରା ଆସି ମହୋତ୍ସବ ସ୍ଥଳରେ ପହଞ୍ଚିଥିଲା। ମହୋତ୍ସବ କମିଟିର ସାମାଜିକ କର୍ମୀ ଧୀରେନ୍ଦ୍ର ସାହୁ, ଅମର ଜେନା, ମନୋଜ ସେନାପତି, ମନୋଜ ପାଣିଗ୍ରାହୀ, ନରେନ୍ଦ୍ର ବାରିକ, ଅମୂଲ୍ୟ ସେନାପତି, କୈଳାସ ବେହେରା, ଗିରିଜାରମଣ ଜେନା, ପ୍ରଭାତ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଗୁଣାତ୍ମକ ଶିକ୍ଷା ଆଣିବ ପରିବର୍ତ୍ତନ'

ଭଦ୍ରକ ଅଫିସ, ୩୧।୧

ଭଦ୍ରକର ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ୫ମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ପ୍ରମୋଦ କୁମାର ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡ.ସନ୍ତୋଷ କୁମାର ଅଗ୍ରୱାଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ର ଗୁରୁଜନମାନଙ୍କୁ ସମ୍ମାନ ଜଣାଇବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ୍ ତଥା ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ପ୍ରାଣୀବିଜ୍ଞାନ ପ୍ରାଧ୍ୟାପକ ମଦନ ମୋହନ ପଣ୍ଡା କର୍ତ୍ତବ୍ୟନିଷ୍ଠା ଓ କଠିନ ପରିଶ୍ରମ ଦ୍ୱାରା ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା ସମିତିର ଅଧକ୍ଷ ଶୁଭଲକ୍ଷ୍ମୀ ପାଢ଼ୀ ଛାତ୍ରୀଛାତ୍ର ଭଲ ପାଠ ପଢ଼ିବା ସହିତ ଭଲ ମଣିଷ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ବାରିକପୁର ଡିଗ୍ରୀ ମହାବିଦ୍ୟାଳୟର ରାଜନୀତି ବିଭାଗ ଅଧ୍ୟାପକ ମନୋଜ କୁମାର ପାଢ଼ୀ ବୌଦ୍ଧିକ ଚେତନାର ବିକାଶ ଓ ଗୁଣାତ୍ମକ ଶିକ୍ଷା ଦ୍ୱାରା ସାମାଜିକ ପରିବର୍ତ୍ତନ ସମ୍ଭବ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ବିନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ପ୍ରଭାତ ପ୍ରଭାକର ପାଢ଼ୀ ଓ ନିର୍ଦ୍ଦେଶକ ଜୀବନାନନ୍ଦ ପାଣିଗ୍ରାହୀ ଯୋଗ ଦେଇଥିଲେ। ଏହି ଅବସରରେ ୨୦୧୯ରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁଷ୍ଠିତ ୩ୟ ବାର୍ଷିକ ଡିଗ୍ରୀ ପରୀକ୍ଷାରେ ଉଦ୍ଭିଦ ବିଜ୍ଞାନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ମହାବିଦ୍ୟାଳୟର ଛାତ୍ରୀ ପ୍ରତ୍ୟୁଷା ନାୟକଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପୁରସ୍କୃତ ଓ ମାନପତ୍ର ପ୍ରଦାନ କରାଯାଇଥିଲା। ସେହିପରି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସନ୍ଧ୍ୟାରେ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ବିନାୟକ ଡିଗ୍ରୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ଉପସ୍ଥିତ ଅତିଥି।

# ବରିଷ୍ଠ ନାଗରିକଙ୍କ ସଡ଼କ ସୁରକ୍ଷା ବାର୍ତ୍ତା




ସଚେତନତା କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକ ଓ ଅନ୍ୟମାନେ।

ଚାନ୍ଦବାଲି,୩୧।୧(ଡି.ଏନ.ଏ.)

ଚାନ୍ଦବାଲି ବ୍ଲକ ମତୋ ଆଞ୍ଚଳିକ ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସ୍ଥାନୀୟ ଫାଣ୍ଡି ପୋଲିସ ସହାୟତାରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ-ଚାନ୍ଦବାଲି ରାସ୍ତାରେ ହେଲ୍‌ମେଟ ପିନ୍ଧି ବାଇକ୍ ଚଳାଉଥିବା ଆରୋହୀଙ୍କୁ ବରିଷ୍ଠ ନାଗରିକମାନେ ଫୁଲ ଚନ୍ଦନ ଲଗାଇ ଓ ଚକୋଲେଟ ଦେଇ ଧନ୍ୟବାଦ ଜଣାଇଥିଲେ। ବିନା ହେଲ୍‌ମେଟରେ ଯାତ୍ରା କରୁଥିବା ବାଇକ୍ ଆରୋହୀଙ୍କୁ ପ୍ରଚାରପତ୍ର ଦେଇ ସଚେତନ କରାଯାଇଥିଲା। ପରିଷଦର ସଭାପତି କମଳାକାନ୍ତ ମହାନ୍ତି, ନବଘନ ସାମଲ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବ୍ରହ୍ମାନନ୍ଦ ପରିଡ଼ା, କୃଷ୍ଣଚନ୍ଦ୍ର ନାୟକ, ଗୌରହରି ନାୟକ, ଭୀମସେନ ଦାଶ, ଅମୂଲ୍ୟ ବାରିକ, ରମେଶ ଚନ୍ଦ୍ର ସାମଲ ଓ ଫାଣ୍ଡି ଅଧିକାରୀ ବବ୍ରୁବାହାନ ନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ବନ୍ଦ ବିଦ୍ୟାଳୟକୁ ଖୋଲିବା ଦାବିରେ ବିକ୍ଷୋଭ

ବନ୍ତ,୩୧।୧(ଡି.ଏନ.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ନରସିଂହପୁରସ୍ଥିତ ପ୍ରାଥମିକ ବିଦ୍ୟାଳୟକୁ ଉପସ୍ଥାନ କମ୍ ଥିବାରୁ ବନ୍ଦ କରିଦିଆଯାଇଛି। ଏହି ସ୍କୁଲକୁ ପୁନର୍ବାର ଖୋଲିବା ଦାବିରେ ଶୁକ୍ରବାର ଛାତ୍ରୀଛାତ୍ରଙ୍କ ସମେତ ଅଭିଭାବକମାନେ ବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଉଲ୍ଲେଖନୀୟ ଯେ, ୧୯୬୨ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ଛାତ୍ରୀଛାତ୍ର କମ୍ ଥିବା ଯୋଗୁ ସରକାରଙ୍କ ପକ୍ଷରୁ ଗତ ଡିସେମ୍ବର ୧୬ରେ ବନ୍ଦ କରିଦିଆଯାଇଛି। ଏଠାରେ ପଢୁଥିବା ୭ ଜଣ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ପାନପଦୀ ପ୍ରକଳ୍ପ ବିଦ୍ୟାଳୟରେ ପଢ଼ିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ସେମାନେ ପାନପଦୀ ବିଦ୍ୟାଳୟକୁ ପାଠ ପଢ଼ିବା ଲାଗି ଯିବାକୁ ରାଜି ହେଉନାହାନ୍ତି। ସେହି ସ୍କୁଲକୁ ଯିବା ପାଇଁ ପୂର୍ତ୍ତ ବିଭାଗର ମୁଖ୍ୟରାସ୍ତା ଏବଂ ଛକ



ନରସିଂହପୁର ପ୍ରାଥମିକ ବିଦ୍ୟାଳୟରେ ଅଭିଭାବକ ଓ ଛାତ୍ରୀଛାତ୍ର ବିକ୍ଷୋଭ କରୁଛନ୍ତି।

ପାର୍ ହେବା ସମୟରେ ଦୁର୍ଘଟଣା ଘଟୁଛି। ଏହାବ୍ୟତୀତ ବର୍ଷାଦିନେ ସେଠାକୁ ଯିବା ପିଲାମାନଙ୍କ ପକ୍ଷରେ ସମ୍ଭବପର ନୁହେଁ ବୋଲି ଅଭିଭାବକମାନେ ଅଭିଯୋଗ କରିଛନ୍ତି। ନରସିଂହପୁର ବିଦ୍ୟାଳୟରେ ଅନୁସୂଚିତ ଜନଜାତିର ପିଲାମାନେ ପଢୁଥିଲେ। ଏହାକୁ ପୁନର୍ବାର ଖୋଲାଯାଉ ବୋଲି ଦାବି କରାଯାଇଛି। ଏଥିସହ ସରକାରୀ ନିୟମ ଅନୁଯାୟୀ ଆବଶ୍ୟକ ପିଲା ଏଠାରେ ପଢ଼ାଇବେ ବୋଲି ସେମାନେ କହିଛନ୍ତି। ଗ୍ରାମର ମହେନ୍ଦ୍ରନାଥ ହୋ, ଶ୍ୟାମ ହୋ, ସୁକାନ୍ତ ହୋ, ସୁନିଆଁ ବାଙ୍କିରାଏ, ମଞ୍ଜୁ ବାଙ୍କିରାଏ, ପରିକ୍ଷିତ ପରିଡ଼ା, ଉମାକାନ୍ତ ରାଉତଙ୍କ ସହ ଛାତ୍ରୀଛାତ୍ର ବିକ୍ଷୋଭରେ ସାମିଲ ଥିଲେ। ଏ ସମ୍ପର୍କରେ ଗୋଷ୍ଠୀ ସାଧନକେନ୍ଦ୍ର ସଂଯୋଜକ ରବିନାରାୟଣ ପରିଡ଼ାଙ୍କୁ ପଚାରିବାରୁ କହିଛନ୍ତି, ଛାତ୍ରୀଛାତ୍ର ଉପସ୍ଥାନ କମ୍ ଥିବାରୁ ସରକାରୀ ନିୟମ ଅନୁଯାୟୀ ଉକ୍ତ ସ୍କୁଲକୁ ବନ୍ଦ କରାଯାଇଛି। ତେବେ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଦାବି ବିଷୟରେ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ



### ଭିଜିଲାନ୍ସ ଜାଲରେ ଆର୍‌ଆଇ

**ରେମୁଣା, ୩୧।୧(ଡି.ଏନ.ଏ.)-** ୫ ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡିଛନ୍ତି ବାଲେଶ୍ୱର ଜିଲା ରେମୁଣା ତହସିଲ ଅଧିନ ପଞ୍ଚାଗଡ଼ ଆର୍‌ଆଇ ଅରବିନ୍ଦ ସିଂ। ତାଙ୍କୁ ବାଲେଶ୍ୱର ଭିଜିଲାନ୍ସ ପୋଲିସ ଲାଞ୍ଚ ଟଙ୍କା ସହ ଗିରଫ କରିଛି। ପଞ୍ଚାଗଡ଼ ଆର୍‌ଆଇ ସର୍କଲ ଅନ୍ତର୍ଗତ ଶେରଗଡ଼ ଗ୍ରାମର ମଦନ ମୋହନ ବେହେରା ତାଙ୍କର ଝିଅର ଜନ୍ମ ପ୍ରମାଣପତ୍ର ପାଇବା ପାଇଁ ରେମୁଣା ତହସିଲରେ ଆବେଦନ କରିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ ମୁତାବକ ଅନୁସନ୍ଧାନ କରି ରିପୋର୍ଟ ଦେବା ପାଇଁ ଆର୍‌ଆଇଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଆର୍‌ଆଇ ମଦନଙ୍କୁ ବାରମ୍ବାର ଆଜ କାଲି କହି ଫେରାଇବା ପରେ ୫ଶହ ଟଙ୍କା ନ ଦେଲେ ରିପୋର୍ଟ ମିଳିବ ନାହିଁ ବୋଲି କହିଥିଲେ। ଅନ୍ୟ ଉପାୟ ନ ପାଇ ମଦନ ଭିଜିଲାନ୍ସରେ ଶରଣାପନ୍ନ ହୋଇଥିଲେ। ଭିଜିଲାନ୍ସ ବିଛାଇଥିବା ଜାଲ ମୁତାବକ ମଦନଠାରୁ ଆର୍‌ଆଇ ୫ଶହ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ଡିଏସ୍‌ପି ସନ୍ତୋଷ କୁମାର ସାମନ୍ତରାୟ ସଦଳବଳେ ଧରିଥିଲେ। ଖବର ଲେଖାଯିବା ପର୍ଯ୍ୟନ୍ତ ତଦନ୍ତ ଜାରି ରହିଛି।

### ଅବସରପ୍ରାପ୍ତ ଶିକ୍ଷକଙ୍କ ଆକାଉଣ୍ଟରୁ ୧୦ହଜାର ଗାଏବ

**ସିମୁଳିଆ, ୩୧।୧(ଡି.ଏନ.ଏ.)-** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଅଡ଼ା ଅଞ୍ଚଳର ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ପାଢ଼ୀ(୭୦)ଙ୍କ ଅଡାସ୍ଥିତ ପୋଷ୍ଟାଲ ଆକାଉଣ୍ଟରୁ ୧୦ହଜାର ୩ଶହ ଟଙ୍କା ଗାଏବ ହୋଇଯାଇଛି। ସେ ଏ ସମ୍ପର୍କରେ ସୂଚନା ଅଧିକାର ଆଇନରେ ତଥ୍ୟ ମାଗିବା ସହିତ ଭୁବନେଶ୍ୱର ପୋଷ୍ଟମାଷ୍ଟର ଜେନେରାଲ, ଭଦ୍ରକ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଗତ ୭ତାରିଖରେ ସହକାରୀ ସୁପରିଣ୍ଟେଣ୍ଡେଣ୍ଟ ଅଡା ପୋଷ୍ଟ ଅଫିସରରେ ପହଞ୍ଚି ଏହାର ତଦନ୍ତ କରିଥିଲେ ହେଁ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ରଙ୍କୁ ଏଯାଏ ଟଙ୍କା ମିଳି ନ ଥିବା ସେ ଅଭିଯୋଗ କରିଛନ୍ତି।

ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ରଙ୍କ ପୋଷ୍ଟାଲ ଆକାଉଣ୍ଟରେ ୨୫ହଜାର ୭ଶହ ୫ଟଙ୍କା ଥିଲା। ତେବେ ଗତ ୨୦୧୪ରୁ ୨୦୧୮ ମଧ୍ୟରେ ୪ଥରରେ ମୋଟ ୧୦ହଜାର ୩ଶହ ଟଙ୍କା ଉଠାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ସମ୍ପୃକ୍ତ ବିଭାଗୀୟଙ୍କ ନିକଟରୁ କୌଣସି ସନ୍ତୋଷଜନକ ଉତ୍ତର ପାଇ ନ ଥିବା ବେଳେ ସହିତ ଟଙ୍କା ମଧ ପାଇ ନ ଥିବା ସେ କହିଛନ୍ତି। ଅପରପକ୍ଷେ ଏ ସମ୍ପର୍କରେ ସ୍ଥାନୀୟ ପୋଷ୍ଟମାଷ୍ଟର ନିରଞ୍ଜନ ବିନ୍ଧାଣୀଙ୍କୁ ପଚାରିବାରୁ ୨୦୧୬ ମସିହା ପୂର୍ବରୁ ପୋଷ୍ଟାଲ ବିଭାଗୀୟ କମ୍ପ୍ୟୁଟରୀକରଣ ହୋଇ ନ ଥିବାରୁ ସମସ୍ତ ହିସାବ ହାତରେ କରାଯାଉଥିଲା। ତେବେ ତାଙ୍କ ପୂର୍ବରୁ ଥିବା ହିସାବରେ ତ୍ରୁଟି ରହିଯାଇଛି। ପରେ ଅଡିଟ୍‌ରେ ସବୁ ସମାନ ଦେଖାଯାଇଥିବାରୁ ସମସ୍ୟା ସୃଷ୍ଟି ହୋଇଥିବା ସେ କହିଛନ୍ତି।

# ପ୍ରସ୍ତାବିତ ଓଭରବ୍ରିଜ ପାଇଁ ଉଚ୍ଛେଦକୁ ବିରୋଧ

**ବାରିପଦା ଅଫିସ, ୩୧।୧**

ମୟୂରଭଞ୍ଜ ଜିଲା ବାରିପଦା ସହରର ପାଳବଣି ଗୋଲେଇଠାରୁ କୃଷ୍ଣଚନ୍ଦ୍ର ଗୋଲେଇ ମଧ୍ୟରେ ରେଳ ଓ ପୂର୍ତ୍ତ ବିଭାଗ ପକ୍ଷରୁ ମିଳିତ ଭାବେ ଓଭରବ୍ରିଜ ନିର୍ମାଣ କରାଯିବ। ଏଥିପାଇଁ ମାଟି ପରୀକ୍ଷା ସରିଥିବା ବେଳେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ଓଭର ବ୍ରିଜ ନିର୍ମାଣ ହେବା ପରେ ପାଳବଣି ଗୋଲେଇ ଓ କୃଷ୍ଣଚନ୍ଦ୍ର ଗୋଲେଇ ମଧ୍ୟରେ ରାସ୍ତାପାର୍ଶ୍ୱରେ ଥିବା ଦୋକାନ ବଜାରଗୁଡିକୁ ଉଚ୍ଛେଦ କରାଯିବା ନେଇ ଜିଲା ପ୍ରଶାସନ ପ୍ରସ୍ତୁତି ଆରମ୍ଭ କରିଛି। ତେବେ ଓଭରବ୍ରିଜ ନିର୍ମାଣ ପାଇଁ ଷ୍ଟେଶନ ବଜାର ଅଞ୍ଚଳରେ ହେବାକୁ ଥିବା ଉଚ୍ଛେଦ ପ୍ରକ୍ରିୟାକୁ ସ୍ଥାନୀୟ ବ୍ୟବସାୟୀମାନେ ବିରୋଧ କରିଛନ୍ତି। ଓଭରବ୍ରିଜ ନିର୍ମାଣର ଡିଜାଇନ ପରିବର୍ତ୍ତନ କରିବାକୁ ସେମାନେ ଦାବି କରିଛନ୍ତି। ଏହାର ପ୍ରତିବାଦରେ ପାଳବଣି ଗୋଲେଇ ଓ କୃଷ୍ଣଚନ୍ଦ୍ର ଗୋଲେଇ ମଧ୍ୟରେ ଥିବା ଦୋକାନ ବଜାରଗୁଡ଼ିକୁ ଶୁକ୍ରବାର ୨୪ ଘଣ୍ଟା ପାଇଁ ବନ୍ଦ ରଖା ଯାଇଥିବା ଦେଖିବାକୁ ମିଳିଥିଲା। ଏହା ସହିତ ଏହି ଅଞ୍ଚଳର ଶତାଧିକ ବ୍ୟବସାୟୀ ପାଳବଣି ଗୋଲେଇଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଆସି ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ବ୍ୟବସାୟୀମାନଙ୍କ ଏକ ପ୍ରତିନିଧି ଦଳ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ସାକ୍ଷାତ କରି ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୋଚନା ବେଳେ ଜିଲାପାଳ ଭରଦ୍ୱାଜ ନିଜେ ଘଟଣାସ୍ଥଳ ପରିଦର୍ଶନ କରି ପଦକ୍ଷେପ ନେବେ ବୋଲି ବ୍ୟବସାୟୀମାନଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ପ୍ରଦୀପ କୁମାର ଦାସ, ଦେବେଶ ଅଗ୍ରୱାଲ, ପବନ ଅଗ୍ରୱାଲ, ଆଶିଷ କର୍ମକାର, ପୁରୁଷୋତ୍ତମ ଅଗ୍ରୱାଲା, ବାସୁଦେବ ରାମ, ପ୍ରେମ ପ୍ରସନ୍ନ ମିଶ୍ର ପ୍ରମୁଖଙ୍କ ସମେତ ଅନ୍ୟ ବ୍ୟବସାୟୀମାନେ ଉପସ୍ଥିତ ଥିଲେ।

**ଷ୍ଟେଶନ ବଜାରରେ ୨୪ ଘଣ୍ଟିଆ ଦୋକାନ ବଜାର ବନ୍ଦ**



ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବ୍ୟବସାୟୀମାନେ ବିକ୍ଷୋଭ କରୁଛନ୍ତି ।

# ମରଣାନ୍ତକ ଆକ୍ରମଣ ମାମଲା: ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

**ଭଦ୍ରକ ଅଫିସ, ୩୧।୧**

ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଦେବଦତ୍ତ ପଟ୍ଟନାୟକ ଜମିବାଡ଼ି ବିବାଦକୁ ନେଇ ଏକ ମରଣାନ୍ତକ ଆକ୍ରମଣ ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ ଦଣ୍ଡ ଶୁଣାଣି କରିଛନ୍ତି। ଏଥିସହ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଉଲ୍ଲେଖନୀୟ ଯେ, ତିହିଡ଼ି ଥାନା ଅଧୀନ ଦୁତେଇବିନ୍ଧା ଗାଁର ରତିକାନ୍ତ ସେନାପତି ଓ ତାଙ୍କ ମା' ଶାନ୍ତିଲତା ସେନାପତି ପଡ଼ୋଶୀ ତ୍ରିଲୋଚନ ସେନାପତିଙ୍କୁ ୨୦୦୩ ନଭେମ୍ବର ୧୩ରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏ ନେଇ ତ୍ରିଲୋଚନଙ୍କ ପୁଅ ବିଭୂତି ଭୂଷଣ ସେନାପତିଙ୍କ ଏତଲାକୁ ଭିତ୍ତିକରି ତିହିଡ଼ି ଥାନାରେ ଏକ ମାମଲା(ନଂ.୧୭୦/୩) ରୁଜୁ କରାଯାଇଥିଲା। ପୋଲିସ ଉକ୍ତ ଘଟଣାର ତଦନ୍ତ କରି ଅଭିଯୁକ୍ତଦ୍ୱୟଙ୍କ ବିରୋଧରେ କୋର୍ଟରେ ଚାର୍ଜଶିଟ୍ ଦାଖଲ କରିଥିଲା। ଭଦ୍ରକ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଶାନ୍ତିଲତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଥିବାବେଳେ ରତିକାନ୍ତଙ୍କୁ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଆଦେଶ ରହିଛି। ଆଡିସନାଲ ପବ୍ଲିକ ପ୍ରସିକ୍ୟୁଟର ଯତିକାନ୍ତ ନାୟକ ମାମଲା ପରିଚାଳନା କରୁଥିଲେ।

## ନିଖୋଜ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ଧାମନଗର,୩୧।୧(ଡି.ଏନ.ଏ.)**

**ହତ୍ୟା ସନ୍ଦେହ**

ଭଦ୍ରକ ଜିଲା ଧାମନଗର ବ୍ଲକ ଧୂଷୁରୀ ଥାନା ଅନ୍ତର୍ଗତ ଖାରଡିଆ ଗ୍ରାମର ସରୋଜ ପ୍ରଧାନଙ୍କ ପୁଅ ଶୁଭମଙ୍କ ମୃତଦେହ କାକୁଡିଗଡିଆ ନିକଟ ନଦୀପଠାରେ ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ପୋଲିସ ଉଦ୍ଧାର କରିଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଶୁଭମଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୨/୨୦) ରୁଜୁ କରି ତଦନ୍ତ ଚଳାଇଛି।

ସୂଚନା ଅନୁସାରେ, ସରୋଜ ତାଙ୍କ ମାମୁଘର ଗୋବିନ୍ଦପୁରରେ ଘର କରି ରହିଆସୁଥିବାବେଳେ ତାଙ୍କ ପୁଅ ଶୁଭମ ଗୋବିନ୍ଦପୁର ହାଇସ୍କୁଲରେ ଦଶମ ଶ୍ରେଣୀର ଛାତ୍ର ଥିଲେ। ଶୁଭମ ତାଙ୍କ ମାମୁଘର କାକୁଡ଼ିଗଡ଼ିଆକୁ ବହୁ ସମୟରେ ପାଠ ପଢ଼ିବା ପାଇଁ ଯାଆସ କରୁଥିଲେ। ଗତ ୨୭ ତାରିଖ ଅପରାହ୍ନ ୪ଟାରୁ ସେ ନିଖୋଜ ଥିଲେ। ପରିବାର ପକ୍ଷରୁ ଧୂଷୁରୀ ଥାନାରେ ତାଙ୍କ ପୁଅକୁ କେହି ଅପହରଣ କରି ନେଇଥିବା ଅଭିଯୋଗ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଜଣେ ପିଲାର ମୃତଦେହ ଏକ ଗଛରେ ଝୁଲୁଥିବା ଦେଖି ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ଆଇଆଇସି ପ୍ରଫୁଲ୍ଲ କୁମାର ସିଂ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି। ଥାନା ଏସ୍‌ଆଇ ବିଭୂତି ଭୂଷଣ ସ୍ୱାଇଁ ତଦନ୍ତ ଦାୟିତ୍ୱ ନେଇଛନ୍ତି।

# ଚଢ଼ିଗଲା ଟ୍ରକ୍: ୨ ମୃତ, ଜଣେ ଗୁରୁତର



୧୬ନଂ. ଜାତୀୟ ରାଜପଥ ଛପୋଲିଆ ନିକଟରେ ଦୁର୍ଘଟଣା ପରେ ପୋଲିସ ତଦନ୍ତ କରୁଛି।

**ସୋର, ୩୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଛପୋଲିଆ ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଘଟଣାସ୍ଥଳରେ ଦୁଇଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇ ସୋର ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଗୁରୁତରଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି।

ଭଦ୍ରକ ଜିଲା ଧୂଷୁରୀ ଥାନା ଅନ୍ତର୍ଗତ ଅସୁରାଳି ଅଞ୍ଚଳର ହଂସପୁର ଗ୍ରାମର ଯୁବକ ଚନ୍ଦନ ରାଉତ, ଅନ୍ୟ ଦୁଇଜଣ ଯୁବତୀ ସୀମାରାଣୀ ସ୍ୱାଇଁ ଓ ଲେନଜରା ଗ୍ରାମର ସ୍ୱପ୍ନାରାଣୀ ଜେନା ଏକ ମୋଟରସାଇକେଲରେ ପଞ୍ଚୁଲିଙ୍ଗେଶ୍ୱର ଯାଉଥିଲେ। କୌଣସି ପରିସ୍ଥିତିରେ ୧୬ନଂ. ଜାତୀୟ ରାଜପଥ ଛପୋଲିଆଠାରେ ଖସିପଡ଼ିଥିଲେ। ବାଲେଶ୍ୱର ଅଭିମୁଖେ ଯାଉଥିବା ଟ୍ରକ୍ ତିନିଜଣଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଚନ୍ଦନ ଓ ସୀମାରାଣୀଙ୍କର ମୃତ୍ୟୁ ଘଟିଥିବା ବେଳେ ସ୍ୱପ୍ନାରାଣୀ ଗୁରୁତର ଆହତ ହୋଇଥିଲେ।

ଘଟଣାସ୍ଥଳରେ ସୋର ପୋଲିସ ପହଞ୍ଚି ଦୁଇ ମୃତଦେହ ଜବତ କରି ଅପରାହ୍ନରେ ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ମୃତ ପରିବାରଙ୍କୁ ହସ୍ତାନ୍ତରିତ କରିଛି। ଏନେଇ ସୋର ଥାନାରେ ମାମଲା (ନଂ. ୨୬/୨୦) ରୁଜୁ କରାଯାଇଛି। ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ସୋର ପୋଲିସ ଜବତ କରି ତଦନ୍ତ ଚଳାଇଛି।

## ୪ ଲକ୍ଷ ଟଙ୍କାର ମଦ ସହ ଗାଡ଼ି ଜବତ: ୨ ଗିରଫ

**ଭଦ୍ରକ ଅଫିସ, ୩୧।୧**

ଭଦ୍ର ଜିଲା ଅବକାରୀ ଟିମ୍ ଶୁକ୍ରବାର ଚୋରା ଦେଶୀମଦ ବୋଝେଇ ଏକ ୪୦୭ ଗାଡ଼ି ଜବତ କରିଛି। ଏଥିସହ ଡ୍ରାଇଭର ସମେତ ଦୁଇଜଣଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ଭଦ୍ରକ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାଣୀତାଲ ବଜାର ଅଞ୍ଚଳରେ ଏହି ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ବାଲେଶ୍ୱରରୁ ଭଦ୍ରକ ବିପୁଳ ପରିମାଣର ଚୋରା ଦେଶୀମଦ ବୋଝେଇ କରି ଉକ୍ତ ଗାଡ଼ି ଆସୁଥିବା ଦେଖିବାକୁ ପାଇଥିଲେ। ରାଣୀତାଲ ଛକ ନିକଟରେ ଏହି ଟିମ୍ ଗାଡ଼ିକୁ ଅଟକାଇ ଜବତ କରିଥିଲା। ସେଥିରେ ୩୫୦୦ଲିଟର ଦେଶୀମଦ ଥିଲା। ଏହାର ଆନୁମାନିକ ମୂଲ୍ୟ ପ୍ରାୟ ୪ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ନିରୀକ୍ଷକ ଧନେଶ୍ୱର ବରାଡ଼ ସୂଚନା ଦେଇଛନ୍ତି। ସନ୍ତୋଷ ବଳ, ଭଗବାନ ମହାନନ୍ଦିଆ, ପ୍ରହ୍ଲାଦ ସାମଲ, ନନ୍ଦୁ ନାୟକ, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଅବକାରୀ କର୍ମଚାରୀ ଚଢ଼ାଉରେ ସାମିଲ ଥିଲେ।

## ଚାଷୀ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଗିରଫ

**ଧାମନଗର, ୩୧।୧(ଡି.ଏନ.ଏ.)**

ଭଦ୍ରକ ଜିଲା ଧାମନଗର ବ୍ଲକ କାଞ୍ଚିଆପାଳ ଗ୍ରାମରେ ଗତ ୪ ତାରିଖରେ ପୂର୍ଣ୍ଣଚନ୍ଦ୍ର ପୃଷ୍ଟି ନାମକ ଜଣେ ଚାଷୀଙ୍କୁ ହତ୍ୟା କରାଯାଇଥିଲା। ଏହି ଘଟଣାରେ ଫେରାର ଥିବା ମୁଖ୍ୟ ଅଭିଯୁକ୍ତ ଅଶୋକ ରାଉତଙ୍କୁ ଧାମନଗର ଥାନା ପୋଲିସ ଶୁକ୍ରବାର ଯାଜପୁର ଜିଲା ରାମବାଗ ଅଞ୍ଚଳରୁ ଗିରଫ କରିଛି। ହତ୍ୟା ଘଟଣାରେ ପୋଲିସ ପୂର୍ବରୁ ଜଣଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ଅଶୋକ ଲୁଚି ବୁଲୁଥିଲେ। ସନ୍ଧ୍ୟାରେ ପୋଲିସ ତାଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

# ପାତରଅନ୍ତର ନେଇ ହୋହଲ୍ଲା

**ଚାନ୍ଦବାଲି,୩୧।୧(ଡି.ଏନ.ଏ.)**

**ପଞ୍ଚାୟତ ସମିତି ବୈଠକ**

ଚାନ୍ଦବାଲି ପଞ୍ଚାୟତ ସମିତିର ୮ମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ପାନୀୟଜଳ ସମସ୍ୟା ସ୍ଥାନୀୟ ଲୋକଙ୍କର ବଡ଼ ସମସ୍ୟା ହୋଇଥିବାରୁ ଦଳମତ ନିର୍ବିଶେଷରେ ବ୍ଲକରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟରେ ନିର୍ବାଚିତ ଜନପ୍ରତିନିଧିମାନେ ସହଯୋଗ କରିବାକୁ ବିଧାୟକ ବ୍ୟୋମକେଶ ରାୟ ଗୁରୁତ୍ୱାରୋପ କରିଥିଲେ। ଚାନ୍ଦବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇଜଣ ସ୍ପେଶାଲିଷ୍ଟ ଯୋଗଦେବା ଓ ଧାମରା ଅଞ୍ଚଳରେ ଲୋଭୋଲଟେଜ ସମସ୍ୟା ସମାଧାନ ପାଇଁ ଚାନ୍ଦବାଲି ବିଦ୍ୟୁତ୍ ଗ୍ରୀଡ୍ ସହିତ ଧାମରା ଅଞ୍ଚଳକୁ ଯୋଡ଼ିବା ଲାଗି ବିଧାୟକ କହିଥିଲେ। ହିତାଧିକାରୀଙ୍କୁ ନିର୍ଦ୍ଧାରିତ ସମୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ ଓ ଦାୟିତ୍ୱରେ ଥିବା ବ୍ଲକ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ବିଡିଓ ଶ୍ୟାମସୁନ୍ଦର ଟୁଡୁ ପରାମର୍ଶ ଦେଇଥିଲେ। କେତେଜଣ ସମିତିସଭ୍ୟ ବିଭିନ୍ନ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ ଓ ହିତାଧିକାରୀ ଚୟନରେ ପାତରଅନ୍ତର କରାଯାଉଥିବା ଅଭିଯୋଗ କରିଥିଲେ। ସେମାନେ ଏହି ପ୍ରସଙ୍ଗ ଉଠାଇବା ସହିତ ଅଧ୍ୟକ୍ଷାଙ୍କ ଟେବୁଲ ନିକଟକୁ ଆସି ହୋହଲ୍ଲା କରିଥିଲେ। ଏଜେଣ୍ଡାରୁ କେତେକ ପ୍ରସଙ୍ଗ ବାଦ୍ ଦେବାକୁ ସେମାନେ ଦାବି ଜଣାଇଥିଲେ। ପାତରଅନ୍ତର ସମ୍ପର୍କରେ ବିଧାୟକଙ୍କ ବକ୍ତବ୍ୟକୁ ନେଇ ଅସନ୍ତୁଷ୍ଟ ସଭ୍ୟାସଭ୍ୟ ବୈଠକ କକ୍ଷତ୍ୟାଗ କରିବାକୁ ଉଦ୍ୟମ କଲାବେଳେ ବିଡିଓ ଓ ଅନ୍ୟମାନେ ସେମାନଙ୍କୁ ବୁଝାଶୁଝା କରିଥିଲେ। ଏବିଡିଓ ସତ୍ୟନାରାୟଣ ସେଠୀ ସପ୍ତମ ଅଧିବେଶନର ବିବରଣୀ ପାଠ କରିଥିଲେ। ପଞ୍ଚାୟତ ସମିତି ଅଧ୍ୟକ୍ଷା ମାନସୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ରାୟ, ଏମ୍‌ପିଙ୍କ ପ୍ରତିନିଧି ଅଶୋକ ବଳ, ବିଡିଓ ଟୁଡୁଙ୍କ ସମେତ ସରପଞ୍ଚ, ସମିତିସଭ୍ୟ, ଜିଲାପରିଷଦ ସଭ୍ୟ ଏବଂ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ବାତିଲ ଦାବିରେ ରାସ୍ତାରୋକୋ



ଧାରଣାରତ ଛାତ୍ରୀଛାତ୍ରଙ୍କ ସହ ପୋଲିସ୍‌ର ବୁଝାଶୁଝା।

**ଜଳେଶ୍ୱର,୩୧।୧(ଡି.ଏନ.ଏ.)**

ଜଳେଶ୍ୱର ଟାଉନ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିଲମ୍ବନ ଆଦେଶ ବାତିଲ ଦାବିରେ ପରିଚାଳନା କମିଟି ଓ ଅଭିଭାବକମାନେ ଆଜକୁ ୪ ଦିନ ଧରି ବିଦ୍ୟାଳୟ ସମ୍ମୁଖରେ ଧାରଣା ଚାଲୁ ରହିଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜଳେଶ୍ୱର ବିଇଓ ବିଜୟ ନାଥ ବିଦ୍ୟାଳୟକୁ ଆସିଥିବା ବେଳେ ଅଭିଭାବକମାନେ ତାଙ୍କୁ ଅଟକାଇ ଦାବି ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଇଛି ପ୍ରଶ୍ନ କରିଥିଲେ। ଧାରଣା ଚାଲିଥିବା ବେଳେ ହଠାତ୍ ମଧ୍ୟାହ୍ନ ୧୨ଟାରେ ଆନ୍ଦୋଳନକାରୀମାନେ ଧାରଣାରୁ ଉଠିଯାଇ ରାସ୍ତାରୋକୋ କରିଥିଲେ। ଫଳରେ ଉଭୟ ପଟରୁ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଘଟଣାସ୍ଥଳରେ ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ ପୋଲିସ ବାହିନୀ ସହ ପହଞ୍ଚିଥିଲେ। ରାସ୍ତାରୋକୋରେ ଯୋଗ ଦେଇଥିବା ଛାତ୍ରୀଛାତ୍ରମାନଙ୍କୁ ପୋଲିସ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା।

## ଜବରଦଖଲ ଉଚ୍ଛେଦ ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ବାଲେଶ୍ୱର ଅଫିସ,୩୧।୧**

**କ୍ଷତିପୂରଣ ଦାବି କରି ରାସ୍ତାରୋକୋ**

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ଖପରାପଦା ଅଞ୍ଚଳରେ ଶୁକ୍ରବାର ପୂର୍ବାହ୍ନଠାରୁ ମ୍ୟୁନିସିପାଲିଟି ପକ୍ଷରୁ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିଲା। ଅପରାହ୍ନ ୪ଟାରେ କେବିନ୍ ଉଠାଉଥିବା ସମୟରେ ନିକଟରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ସ୍ଥାନୀୟ ଲୋକେ କ୍ଷତିପୂରଣ ଦାବିରେ ସନ୍ଧ୍ୟାଠାରୁ ରାସ୍ତାରୋକୋ କରିଥିବାର ଜଣାପଡ଼ିଛି।

ସହରର ଆଜିମାବାଦଠାରୁ ଖପରାପଦା ଦେଇ ଯାଇଥିବା ରାସ୍ତାର ଉଭୟ ପାର୍ଶ୍ୱରେ ଜବରଦଖଲ କରି କେବିନ୍ ପକାଇଥିବା କାରଣରୁ ଯା'ଆସ କରିବାରେ ଅସୁବିଧା ନେଇ ବିଭିନ୍ନ ସମୟରେ ସ୍ଥାନୀୟ ଲୋକମାନେ ଉଚ୍ଛେଦ କରିବା ସହିତ ଉକ୍ତ ରାସ୍ତାର ପୁନରୁଦ୍ଧାର କରିବାକୁ ଦାବି କରିଆସୁଥିଲେ। ଏହାକୁ ଲକ୍ଷ୍ୟ ରଖି ମ୍ୟୁନିସିପାଲିଟି ପକ୍ଷରୁ ସରକାରୀ ଜାଗାରେ ଜବରଦଖଲରେ ଥିବା କେବିନ୍‌ଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ସେମାନଙ୍କୁ ବିଧିବଦ୍ଧ ଭାବେ ନୋଟିସ୍ ଜାରି କରାଯାଇଥିଲା। ଶୁକ୍ରବାର ମାଜିଷ୍ଟ୍ରେଟ୍ ଓ ପୋଲିସ୍‌ଙ୍କ ଉପସ୍ଥିତିରେ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବାବେଳେ ଲୋକମାନେ ନିଜ ନିଜର କେବିନ୍‌କୁ ଉଠାଇ ନେଇଯାଉଥିଲେ। ଉକ୍ତ ସମୟରେ ଗୋଟିଏ କେବିନ୍‌କୁ ଉଠାଉ ଥିବାବେଳେ ଖପରାପଦା ଗ୍ରାମର ସୁଦାମ ରାୟଙ୍କ ପୁଅ ସିଡୁ (୨୫) ନିକଟରେ ଯାଇଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଘଟଣାସ୍ଥଳରେ ପଡ଼ିଯାଇ ଅଚେତ୍ ହୋଇଥିଲା। ଉପସ୍ଥିତ ଲୋକମାନେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଦ୍ୟୁତ୍ ବିଭାଗର ଅବହେଳା ହେତୁ ଏପରି ଘଟଣା ଘଟିଥିବା ଅଭିଯୋଗ କରି ସ୍ଥାନୀୟ ଲୋକମାନେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଖପରାପଦା ରାସ୍ତାକୁ ଅବରୋଧ କରି ଆନ୍ଦୋଳନ ଜାରି ରଖିଥିବା ସହଦେବଖୁଣ୍ଟା ଥାନା ଇନ୍ସପେକ୍ଟର ବିରଞ୍ଚି ସାହୁ ପ୍ରକାଶ କରିଛନ୍ତି।





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ